# ଫେବୃଆରୀ ୧୧ରେ ରେଢ଼ାଖୋଲ ଆସିବେ ମୁଖ୍ୟମନ୍ତ୍ରୀ

**ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ବିଶାଳ ସମାବେଶ ପାଇଁ ପ୍ରସ୍ତୁତି ବୈଠକ**

**ଯୋଗ ଦେବେ ୩୦ଟି ନିର୍ବାଚନ ମଣ୍ଡଳୀର କେନ୍ଦୁପତ୍ର ତୋଳାଳି ଓ ସିଜନାଲ କର୍ମଚାରୀ**




**ରେଢ଼ାଖୋଲ, ୪।୨ (ସମିସ)**

ରେଢ଼ାଖୋଲସ୍ଥିତ କଲ୍ୟାଣ ମଣ୍ଡପରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଆଗାମୀ ଫେବୃଆରୀ ୧୧ ତାରିଖ ଦିନ ପ୍ରସ୍ତାବିତ କେନ୍ଦୁପତ୍ର ତୋଳାଳି, କର୍ମଚାରୀ ଓ ଶ୍ରମିକ ମାନଙ୍କ ବିଶାଳ ସମାବେଶ ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ବିଶାଳ ସମାବେଶରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ସମାବେଶରେ ପ୍ରାୟ ୩୦ ଟି ନିର୍ବାଚନ ମଣ୍ଡଳୀର ହଜାର ହଜାର ତୋଳାଳୀ, ସିଜନାଲ କର୍ମଚାରୀ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଶ୍ରମିକମାନେ ଯୋଗ ଦେବା ପାଇଁ ସ୍ଥିରୀକୃତ ହୋଇଛି । ଏହି ଅନୁସାରେ ନିର୍ବାଚନ ମଣ୍ଡଳୀ ଓ ଡିଭିଜନ ଅନୁଯାଇ କେତେ ସଂଖ୍ୟକ ଶ୍ରମିକ ଯୋଗ ଦେବେ ତାହା ନିର୍ଦ୍ଧାରିତ ହୋଇଛି । ବିଭିନ୍ନ କେନ୍ଦୁପତ୍ର ଡିଭିଜନ ଓ ରେଞ୍ଜର କର୍ମକର୍ତ୍ତା ମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି । ଆଜିର ଏହି ବୈଠକରେ ସଂଘର ୧୪ ଦଫା ଦାବୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଦାବୀ ଗୁଡିକ ଉପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି ସଂଘ ପକ୍ଷରୁ ଆଶା ପ୍ରକାଶ କରାଯାଇଛି । ବୈଠକର ପ୍ରାରମ୍ଭରେ ସଂଘର ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ବିଶାଳ ସମାବେଶ ସମ୍ପର୍କରେ ସୂଚନା ଦେଇ ଏହାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି ବୈଠକରେ ରେଢ଼ାଖୋଲ, ଆଠମଲ୍ଲିକ, ଦେବଗଡ଼, ବୌଦ୍ଧ, ଝାରସୁଗୁଡା, ସମ୍ବଲପୁର, ରାଉରକେଲା, କେନ୍ଦୁଝର, କୁଚିଣ୍ଡା, ଫୁଲବାଣୀ ଓ ଅନୁଗୁଳ ଡିଭିଜନ ମାନଙ୍କରୁ ଶତାଧିକ କର୍ମଚାରୀ, ତୋଳାଳୀ, ପ୍ରତିନିଧି ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ସଂଘର ରାଜ୍ୟ ଉପସଭାପତି ଗୋକୁଳ ମେହେର, ରାଜ୍ୟ ଉପସଭାପତି ତଥା ଆଠମଲ୍ଲିକ ଡିଭିଜନ ସମ୍ପାଦକ ବିନୋଦ ପ୍ରଧାନ, ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ରାଜ୍ୟ କୋଷାଧକ୍ଷ କ୍ଷେତ୍ର ବାରିକ, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, ଝାରସୁଗୁଡା ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ଦେବଗଡ଼ ଡିଭିଜନ ସମ୍ପାଦକ ଭୂପିନ୍ଦ୍ର ନାୟକ, କେନ୍ଦୁଝର ଡିଭିଜନ ସମ୍ପାଦକ ସଞ୍ଜୟ ଚୌଧୁରୀ, ବୌଦ୍ଧ ଡିଭିଜନ ସମ୍ପାଦକ ଶ୍ରୀକାନ୍ତ ମିଶ୍ର, ଅନୁଗୁଳ ଡିଭିଜନ ସମ୍ପାଦକ ରତ୍ନାକର ପ୍ରଧାନ, ଆଠମଲ୍ଲିକ ଯୁଗ୍ମ ସମ୍ପାଦକ ନବ ମହାର, ପଙ୍କଜିନି ନାଏକ, ରତନି ଭୋଇ, ପ୍ରମିଳା ଭୋଇ, ପାନ ବାଘ, ଦୂରତା ନାଏକ, କଳ୍ପନା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ମାନେଶ୍ୱର ବ୍ଲକ ବିଜେଡି କର୍ମୀଙ୍କ ପୁଷ୍‌ପୁନି ଭେଟ୍‌ଘାଟ୍

**ସମ୍ବଲପୁର ୪।୨ (ସମିସ):** 'ଆମେ ସମସ୍ତେ ନବୀନ ପରିବାରର ସଦସ୍ୟ। ଆମ ଭିତରେ ଗୋଷ୍ଠୀ ବିବାଦ ନରହୁ କି ମନମତାନ୍ତର ନରହୁ। ବିକାଶ ଧାରାକୁ ଆଗକୁ ବଢ଼ାଇବାକୁ ସମସ୍ତେ ମିଳିମିଶି ବନ୍ଧୁତ୍ୱ ଭାବ ସହିତ କାମ କରିବାକୁ ହେବଏବଂ ଦଳକୁ ସଂଗ ଠିତ କରିବାକୁ ହେବ' ମାନେଶ୍ୱର ବ୍ଲକ ଦେଓଗାଁ ପଞ୍ଚାୟର ଡ୍ୟାମ କଣ୍ଠାରେ ଅନୁଷ୍ଠିତ ବିଜେଡିର ପୁଷପୁନି ଭେଟ ଘାଟରେ ବରିଷ୍ଠ ବିଜେଡ଼ି ନେତା ତଥା ବିଜୁ ଜନତା ଦଳର ବରିଷ୍ଠ ଉପ ସଭାପତି ପୂର୍ବ ତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ବିଜୁ ଯୁବ ଜନତା ଦଳ ର ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ରଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନେଶ୍ୱର ବ୍ଲକର ୭ଟି ପଞ୍ଚାୟତର ଦଳୀୟ କର୍ମୀ ଏହି ଭେଟଘାଟରେ ସାମିଲ ହୋଇଥିଲେ | ଡକରା ଗ୍ରାମପଞ୍ଚାୟତ ସରପଞ୍ଚ ସଞ୍ଜୀବ ପୂଜାରୀ, ଲକ୍ଷ୍ମଣ ପ୍ରଧାନ,ଦେବ ବ୍ରତ ବିଶ୍ୱାଳ, ପ୍ରଶାନ୍ତ ମାଝୀ,ଯୋଗେଶ୍ୱର ରାଉତ,ଗୋବିନ୍ଦ ପଟ୍ଟନାୟକ, ଚିତ୍ତରଞ୍ଜନ ବାଗ,ଅକ୍ଷୟ ପଣ୍ଡା,ସୁବାସ ପାଣିଗ୍ରାହୀ, ଦିଲ୍ଲିପ ପ୍ରଧାନ, ମାନସ ବେହେରା,ମିଳନ ଭୋଇ,ପରାଗ ମହନ୍ତ,ରାଜୀବ ପଣ୍ଡା,ବିଭୂତି ପାଣିଗ୍ରାହୀ,ଚିତ୍ତରଞ୍ଜନ ପ୍ରଧାନ,ଗଣେଶ ପ୍ରଧାନ,ମହେନ୍ଦ୍ର ବେହେରା ରାକେଶ ବେହେରା ପ୍ରମୁଖ ହଜାରେ ରୁ ଉର୍ଦ୍ଧ କର୍ମୀ ଏହି ଭେଟଘାଟ କାର୍ଯ୍ୟକ୍ରମରେ ସାମିଲ ଥିଲେ |



# ଟ୍ରାଫିକ ସମସ୍ୟା ପାଇଁ ପୁଲିସକୁ ସହଯୋଗ କରି ଚାପୁଡ଼ାର ଶିକାର

**ସମ୍ବଲପୁର, ୪।୨(ସମିସ):** ସମ୍ବଲପୁର ବରେଇପାଲି ଥାନା ଅନ୍ତର୍ଗତ ରେମେଡର ଆଦିତ୍ୟ ନାରାୟଣ ମହାନ୍ତି ପୁଲିସକୁ ଟ୍ରାଫିକ ସମସ୍ୟା ଦୂର କରିବାରେ ସହଯୋଗ କରିଥଲେ। ହେଲେ ଓଲଟା ଚାପୁଡା ସହ ଅଭଦ୍ର ଭାଷାରେ ଗାଳିଗୁଲଜ ପାଇଥିଲେ। ଏଭଳି ସଂଘାତିକ ଅଭିଯୋଗ ଆଣିଛନ୍ତି ଶ୍ରୀ ମହାନ୍ତି। ସେ ଏକ ଭିଡ଼ିଓ ସୋସିଆଲ ମିଡିଆରେ ଅପଲୋଡ କରି ପୁଲିସ ବିରୁଦ୍ଧରେ ଅଭିଯୋଗ ଆଣି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଗତ କାଲି ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦିଙ୍କ ଗସ୍ତ ନେଇ ସେ ତାଙ୍କ ଗାଁ ରେମେଡ, ଲକ୍ଷ୍ମୀଡୁଙ୍ଗୁରୀରେ ଲୋକମାନଙ୍କୁ ସହଯୋଗ କରିବାପାଇଁ ଦଳର ନିର୍ଦ୍ଦେଶ କ୍ରମେ କାମ କରୁଥିଲେ। ଭିଡ଼ ଅଧିକ ହେବାରୁ ସଭାରେ ଆସିଥିବା ଗାଡ଼ି ଗୁଡ଼ିକ ଗାଁ ଭିତରକୁ ପ୍ରବେଶ କରୁଥିଲା। ଏହି ସମୟରେ ଟ୍ରାଫିକ ନିୟନ୍ତ୍ରିତ କରିବା ପାଇଁ ପୁଲିସ ଓ ଟ୍ରାଫିକ କର୍ମଚାରୀ ନିୟୋଜିତ ଥିଲେ। ଗାଡ଼ି ଗୁଡ଼ିକ ଦ୍ରୁତ ଗତିରେ ଯାଉଥିବାରୁ ମୁ ଦେଖି ଗାଡ଼ି ଚାଳକଙ୍କୁ ଧିରେ ଚଳାଇବା ପାଇଁ ଅନୁରୋଧ କରଥିଲି ଓ ପୋଲିସକୁ ଅବଗତ କରାଇଥିଲି। ଏହି ସମୟରେ ଜଣେ ସବଇନ୍ସପେକ୍ଟର ପାହ୍ୟାର ଅଧିକାରୀ ଓ ଟ୍ରାଫିକ କନେଷ୍ଟେବଲ ଚାପୁଡ଼ା ମାରିଥିଲେ ଓ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଜଣେ ପୋଲିସ ବରିଷ୍ଠ ଅଧିକାରୀଙ୍କୁ ଅଭିଯୋଗ କରିଥିଲି ବୋଲି ଆଦିତ୍ୟ କହିଛନ୍ତି। ସେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ଦିନ ବିତିଯାଇଛି ମଧ କଣ କାର୍ଯ୍ୟାନୁଷ୍ଠାନ ହୋଇଛି ତାହାର ପାଖରେ ସୂଚନା ନାହିଁ। ମୁଁ ଜଣେ ବିଜେପି କର୍ମୀ। ତେଣୁ ପୁଲିସକୁ ସହଯୋଗ କରୁଥିଲି। ଯଦି ଚାପୁଡା ମାରିଥିବା ପୁଲିସଙ୍କ ଉପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ ନ କଲେ ସେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପୁଲିସର ଏପରି ବ୍ୟବହାର ସମଗ୍ର ପୁଲିସ ବିଭାଗକୁ ବଦନାମ କରୁଛି। ତାଙ୍କର ଅସଲ ଚରିତ୍ର ପଦାକୁ ଆସୁଛି ବୋଲି କହିଛନ୍ତି।

# ବ୍ଲକସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ରେଙ୍ଗାଲି,୪।୨(ସମିସ):** ସାରା ରାଜ୍ୟରେ ତିନିଦିନ ବ୍ୟାପୀ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବା ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଲଡ଼ ଠାରେ ବ୍ଲକ ସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି | ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗ ଙ୍କ ଅଧକ୍ଷତାରେ ବ୍ଲକ ସ୍ତରୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪ ଅନୁଷ୍ଠିତ ହୋଇଛି ।ଏହି ସମ୍ମିଳନୀରେ ଚତୁର୍ଥ ରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ପିଲାଙ୍କୁ ନେଇ କନିଷ୍ଠ (ଚତୁର୍ଥ ରୁ ଷଷ୍ଠ), ଓ ବରିଷ୍ଠ( ସପ୍ତମ ରୁ ଅଷ୍ଟମ)ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଯଥା ବକ୍ତୃତା, କ୍ୱିଜ୍,ଚିତ୍ରାଙ୍କନ ଓ ଭାଷା ପ୍ରଦର୍ଶନୀ ର ଆୟୋଜନ କରାଯାଇଥିଲା। ଏଥିରେ ରେଙ୍ଗାଲି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୨୦୯ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇଥିଲା। ଜିତେନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ୧୨ ଜଣ ସି ଆର ସି ସି, ସାଲଡ଼ ବିଦ୍ୟାଳୟ ଓ ଅନ୍ୟ ବିଦ୍ୟାଳୟ ରୁ ଆସିଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ସହଯୋଗ କରିଥିଲେ |




# ଆର୍‌ଡିସି ଶ୍ରୀକାନ୍ତ ପୃଷ୍ଟିଙ୍କ ଦାୟିତ୍ୱ ଗ୍ରହଣ

**ସମ୍ବଲପୁର, ୪।୨(ସମିସ):** ପୂର୍ବତନ ଉତ୍ତରାଞ୍ଚଳ ରାଜସ୍ୱ ଡ. ସୁରେଶ ଚନ୍ଦ୍ର ଦଳେଇଙ୍କ ଅବସର ପରେ ନୂତନ ଭାବେ ଉତ୍ତରାଞ୍ଚଳ ଦାୟିତ୍ୱ ଗ୍ରହଣ କରିଛନ୍ତି ୨୦୦୩ ବ୍ୟାଚ ଆଏଏସ ଅଧିକାରୀ ଶ୍ରୀକାନ୍ତ ପୃଷ୍ଟି। ପୂର୍ବରୁ ସେ ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଏବଂ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଥିଲେ। ନୂତନ ଭାବେ ଯୋଗ ଦେଉ ଦେଉ ପ୍ରଧାନମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରି କାର୍ଯ୍ୟକ୍ରମକୁ ସଫଳତାର ସହିତ ଆୟୋଜନ କରିଛନ୍ତି। ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର ମୁଖ୍ୟ ସହରର ହେଉଥିବାରୁ ତାହାର ବିକାଶ ସହିତ ଅନ୍ୟ ସହରଗୁଡିକର ବିକାଶର ଗତିକୁ ଆଗକୁ ନେବା ତାଙ୍କ ପାଇଁ ବଡ଼ ଆହ୍ୱାନ ରହିବ।



**ମହାବିଦ୍ୟାଳୟକୁ ପୂରିଲାଣି ୬୦ ବର୍ଷ**

# କୁଚିଣ୍ଡା ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦାବି

**କୁଚିଣ୍ଡା,୪।୨(ସମିସ) :** ବଣ ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରୂପେ ପରିଗଣିତ ହେଉଥିବା କୁଚିଣ୍ଡାରେ ୧୯୬୪ ମସିହାରେ ସ୍ଥାପିତ ହୋଇଥିଲା କୁଚିଣ୍ଡା ମହାବିଦ୍ୟାଳୟ | ତତ୍କାଳୀନ ଅଧକ୍ଷ ମୀନକେତନ ପଟେଲଙ୍କ ପ୍ରଚେଷ୍ଟାରେ ମହାବିଦ୍ୟାଳୟଟି ସ୍ୱଚ୍ଛ ବାତାବରଣ ସହ ଉନ୍ନତ ମାନର ଶିକ୍ଷାଦାନ ଯୋଗୁଁ ସମ୍ବଲପୁର ଗଙ୍ଗାଧର ମେହେର ମହାବିଦ୍ୟାଳୟପରେ କୁଚିଣ୍ଡା ମହାବିଦ୍ୟାଳୟ ନାଁ ଆସୁଥିଲା | ଏଠାରେ ଛାତ୍ର ଅପେକ୍ଷା ଛାତ୍ରୀ ମାନେ ଛାତ୍ରୀ ନିବାସରେ ରହି ବହୁ ଦୂର ଦୂରାନ୍ତରୁ ଆସି ଶିକ୍ଷା ଗ୍ରହଣ କରିଥାନ୍ତି | ଏହି ମହାବିଦ୍ୟାଳୟରୁ ପାଠ ପଢ଼ିଥିବା ଛାତ୍ରଛାତ୍ରୀ ରାଜନୀତି କ୍ଷେତ୍ରରେ ନାଁ କରିଥିବାବେଳେ ବହୁ ପଦ ପଦବୀ ରେ ବହୁ ପୁରାତନ ଛାତ୍ରଛାତ୍ରୀ ଦେଶ ବିଦେଶ ରେ ଚାକିରୀ କରୁଛନ୍ତି | ଏହା ମହାବିଦ୍ୟାଳୟର ପୁରାତନ ଛାତ୍ର ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ | ହେଲେ ମହାବିଦ୍ୟାଳୟକୁ ୬୦ ବର୍ଷ ପୂରିଥିବାବେଳେ ତାହା ଏପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇଲା ନାହିଁ | ଫଳରେ ଦୀର୍ଘଦିନ ଧରି ଅଂଚଳବାସୀ କୁଚିଣ୍ଡା ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବା ପାଇଁ ଦାବି କରି ଆସୁଛନ୍ତି | ମହାବିଦ୍ୟାଳୟରେ କଳା, ବାଣିଜ୍ୟ ଓ ବିଜ୍ଞାନ ଭଳି ୩ଟି ବିଭାଗ ରହିଛି | ୨୦୨୨-୨୩ ଶିକ୍ଷା ବର୍ଷରେ ଯୁକ୍ତ ଦୁଇ କଳାରେ ୩୨୦ଜଣ ,ବିଜ୍ଞାନରେ ୧୯୧ଜଣ ଏବଂ ବାଣିଜ୍ୟରେ ୩୧ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିଲେ | ତେବେ ଚଳିତ ଶିକ୍ଷାବର୍ଷରେ କଳାରେ ୩୧୭ଜଣ,ବିଜ୍ଞାନରେ୧୪୧ ଜଣ ଓ ବାଣିଜ୍ୟରେ ୧୪ ଜଣଙ୍କ ମିଶାଇ ସର୍ବମୋଟ ୪୭୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି | ଠିକ୍ ସେହିପରି ଯୁକ୍ତ ତିନି ରେ ୨୦୨୨-୨୩ ଶିକ୍ଷା ବର୍ଷରେ କଳାରେ ୫୫୪ଜଣ, ବିଜ୍ଞାନରେ ୪୮୬ଜଣ ଏବଂ ବାଣିଜ୍ୟରେ ୧୨୬ ଜଣଙ୍କୁ ମିଶାଇ ସର୍ବମୋଟ ୨୧୬୭ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିଲେ | ସେହିପରି ୨୦୨୩-୨୪ ଶିକ୍ଷାବର୍ଷରେ ସେହି ଛାତ୍ରଛାତ୍ରୀ ବଢି କଳାରେ ୫୫୧ ବିଜ୍ଞାନ ରେ ୪୫୮ ଏବଂ ବାଣିଜ୍ୟରେ ୧୮୧ ଜଣ ସର୍ବମୋଟ ୨୦୪୩ ଜଣ ଶିକ୍ଷା ଗ୍ରହଣ କରୁଛନ୍ତି | ଯୁକ୍ତ ଦୁଇ ଓ ଯୁକ୍ତ ତିନିକୁ ମିଶାଇ ୨ହଜାର ପାଖ ପାଖି ଛାତ୍ରଛାତ୍ରୀ ପାଠ ପଢୁଛନ୍ତି | ଏମାନଙ୍କ ପାଇଁ ୨ଟି ଛାତ୍ରୀ ନିବାସ ରହିଛି | ଛାତ୍ର ମାନଙ୍କ ପାଇଁ ମହାବିଦ୍ୟାଳରେ ସମ୍ମୁଖରେ ମଧ ଗୋଟିଏ ଛାତ୍ରାବାସ ଥିବା ବେଳେ ଫରେଷ୍ଟ ପାର୍କ ପାଖରେ ୨ଶହ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରାବାସ ରହିଛି | ରାଜ୍ୟ ସରକାର ଙ୍କ ପକ୍ଷରୁ ଆହୁରି ଛାତ୍ରାବାସା ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି | ଶିକ୍ଷା ବ୍ୟବସ୍ଥା ପାଇଁ ମହାବିଦ୍ୟାଳୟ ପରିସରରେ ୩୮ ଗୋଟି ଶ୍ରେଣୀ କୋଠରୀ .୩ଟି ସ୍ମାର୍ଟ କ୍ଲାସରୁମ , ଲାଇବ୍ରେରୀ , ୨ଟି କମ୍ପ୍ୟୁଟର ଲ୍ୟାବ ରହିଛି | ମହାବିଦ୍ୟାଳୟରେ ଅଧ୍ୟାପକ ୪୮ ଟି ଅଧ୍ୟାପକ ପଦବୀ ଥିବା ବେଳେ ବର୍ତ୍ତମାନ ୪୦ଜଣ ଅବସ୍ଥାପିତ ଅଛନ୍ତି | ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନଠାରୁ ଏ ପର୍ଯ୍ୟନ୍ତ ୨୩ ଜଣ ଅଧକ୍ଷ ସେମାନଙ୍କର ଦାଇତ୍ୱ ନିର୍ବାହ ସାରି ଅବ୍ୟାହତ ନେଇ ସାରିଛନ୍ତି | ତେବେ ମହାବିଦ୍ୟାଳୟକୁ ୬୦ ବର୍ଷ ବିତି ଯାଇଥିଲେ ବି ସମସ୍ତ ପ୍ରକାର ବ୍ୟବସ୍ଥା ଥାଇ ମଧ ମହାବିଦ୍ୟାଳୟକୁ ଏଯାଏଁ ସରକାରୀ ମାନ୍ୟତା ମିଳିନାହିଁ | ଫଳରେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ମଣିଷ କରିଥିବା ଏହି ଶିକ୍ଷାନୁଷ୍ଠାନକୁ ସରକାରୀ ମାନ୍ୟତା ଦେବା ପାଇଁ ସବୁ ମହଲରୁ ଦାବି ହୋଇଛି |



# ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସମ୍ବଲପୁର, ୪।୨(ସମିସ):** ଡିଷ୍ଟ୍ରିକ୍ଟ ମାଷ୍ଟର ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଆୟୋଜିତ ପଶ୍ଚିମ ଓଡ଼ିଶା ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ସମାରୋହ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମାରୋହରେ ଯୋଗଦେଇ କ୍ରୀଡ଼ା ମାନଚିତ୍ରରେ ସମ୍ବଲପୁରକୁ ଆଗକୁ ନେବା ପାଇଁ ପ୍ରୟାସ କରିବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଖେଳ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଯୁବଶକ୍ତିଙ୍କ ମଧ୍ୟରେ ଫୁଟବଲ ଖେଳ ପ୍ରତି ଥିବା ଆସକ୍ତିକୁ ବଢ଼ାଇବା ଲକ୍ଷ୍ୟରେ 'ଡିଷ୍ଟ୍ରିକ୍ଟ ମାଷ୍ଟର ଆଥଲେଟିକ୍ ଆସୋସିଏସନ'ର ଉଦ୍ୟମ ପ୍ରଶଂସନୀୟ। ଏହିଭଳି ପ୍ରତିଯୋଗିତା ଦେଖିଲେ ଲାଗୁଛି, ଓଡ଼ିଶାରେ ଖେଳ ବିଶେଷ ଭାବରେ ଫୁଟବଲ ପ୍ରତି ଆଗ୍ରହ ଓ ସମର୍ଥନ ବଢୁଛି। ଆଗାମୀ ଦିନରେ ପଶ୍ଚିମ ଓଡ଼ିଶା ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅଧିକ ବ୍ୟାପକ ଆକାରରେ ଆୟୋଜନ ହେଉ। ରାଜ୍ୟର ସବୁ ଜିଲ୍ଲାର ଯୁବ ଖେଳାଳୀମାନଙ୍କୁ ନେଇ ଫୁଟବଲ ପ୍ରତିଯୋଗିତା କରାଯାଉ। ଏହା ଦ୍ୱାରା ଯୁବକ ଯୁବତୀଙ୍କ ମଧ୍ୟରେ ଖେଳୁଆଡ ମନୋଭାବ ତିଆରି ହେଉଛି ବୋଲି ସେ କହିଥିଲେ। ବରଗଡ଼ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବରଗଡ଼ ବିଜୟୀ ହୋଇଥିଲା। ଦୁଇ ଦଳର ଖେଳାଳୀମାନଙ୍କୁ କେନ୍ଦ୍ରମନ୍ତ୍ରୀ ପୁରସ୍କୃତ କରିଥିଲେ।

**ବରଗଡ଼ ବିଜୟୀ**

# ସମ୍ବଲପୁରରେ ଖୋଲିଲା 'ନଜରିଆ' ଆଉଟଲେଟ୍

**ବୁର୍ଲା, ୪।୨ (ସମିସ):** ସମ୍ବଲପୁର ସିଟି ଷ୍ଟେସନ ରୋଡର ସରଲାକାନିଠାରେ ଦିଲ୍ଲୀର ହସ୍ତଶିଳ୍ପ ବ୍ରାଣ୍ଡ 'ନଜରିଆ' ଆଉଟଲେଟ ଖୋଲାଯାଇଛି । ଭାରତୀୟ ହସ୍ତଶିଳ୍ପ ପୋଷାକକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏମସିଏଲ୍ ର ଜାଗୃତି ମହିଳା ମଣ୍ଡଳର ଉପାଧକ୍ଷା ରଶ୍ମି ବେହୁରା ଆଉଟଲେଟ୍ ନଜାରିଆକୁ ଉଦ୍ ଘାଟନ କରିଥିଲେ। ଭାରତୀୟ ବୁଣାକାର ଓ କାରିଗରମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଓ ବୃତ୍ତିରେ ଆଇନଜୀବି ହୋଇଥିବା ନିକିତା ମେହେରା ଜଣେ ଫ୍ୟାଶନ ଉଦ୍ୟୋଗୀ ଅଟନ୍ତି | ତେବେ ତାଙ୍କର ଉଦ୍ୟମରେ ଏହି ନଜରିଆ ଆଉଟଲେଟ ଖୋଲିଛି |






**୫୧ ପାଦ ଚାଲିବାକୁ କହି ଚମ୍ପଟ ମାରିଲେ ଦୁର୍ବୃତ୍ତ**

# ପୁଅ ଜୀବନ ପ୍ରତି ଭୟ ଦେଖାଇ ସୁନା, ଟଙ୍କା ଲୁଟିନେଲେ

**ସମ୍ବଲପୁର, ୪।୨(ସମିସ)**

ପ୍ରଥମେ ମନରେ ବିଶ୍ୱାସ ଆସିବା ଭଳିଆ ଅଭିନୟ କଲେ। ପରିବାରରେ ଅଶାନ୍ତ ରହୁଛି, ଆର୍ଥୀକ ସଙ୍କଟ ଦେଖା ଦେଉଛି, ସାନ ପୁଅ ଜୀବନ ପ୍ରତି ବିପଦ ରହୁଛି। ଏହାର ପ୍ରତିକାର ନକଲେ ପରିବାର ପ୍ରତି ବଡ଼ ବିପଦ ଆସିବ। ପ୍ରତିକାରର ରାସ୍ତା ମୋ ପାଖରେ ଅଛି। ମାଁ ଦୁର୍ଗାଙ୍କ ଆଶୀର୍ବାଦ ନେଇ ସାମାନ୍ୟ କିଛି କାମ କଲେ ସମସ୍ତ ଦୁଃଖ ରିଷ୍ଟ ଖଣ୍ଡନ ହେବ। ପରିବାର ସୁଖ ଶାନ୍ତିରେ ପୁରିଉଠିବ ବୋଲି ଜଣେ ବ୍ୟକ୍ତି ମହିଳାଙ୍କୁ କହି ଅନ୍ୟ ଜଣଙ୍କ ସହଯୋଗରେ ସୁନା, ଗହଣା, ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଛନ୍ତି।

ସମ୍ବଲପୁର ସହର ଜନଗହଳି ପୂର୍ଣ୍ଣ ଅଇଁଠାପାଲି ଥାନା, ଜଗନ୍ନାଥ କଲୋନୀ ନିକଟସ୍ଥ ମୁଖ୍ୟ ରାସ୍ତାରେ ଦିନ ଦି ପହରେ ଅଭିନବ ଢଙ୍ଗରେ ଏଭଳି ଲୁଟ୍ ଘଟଣା ଘଟିଛି। ଲୁଟ୍ ଶିକାର ହୋଇଛନ୍ତି ସହଯୋଗ ନଗର ନିବାସୀ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ। ଘଟଣା କ୍ରମେ ସହଯୋଗ ନଗରର ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରାୟ ୧୦.୦୦ ଟା ସମୟରେ ପରିବା କିଣି ଘରକୁ ଫେରୁଥିଲେ। ଜଗନ୍ନାଥ କଲୋନୀ ଛକରେ ଜଣେ ୪୦-୪୫ ବର୍ଷିଆ ପୁରୁଷ ଅଟକାଇ ଡାକ୍ତର ଠିକଣା ପଚାରିଥିଲେ। ମହିଳା ଜଣଙ୍କ ଠିକଣା ଜାଣିନଥିବା କହିଥିଲେ। ପରେ ବ୍ୟକ୍ତି ଜଣଙ୍କ ମହିଳାଙ୍କୁ ତମର ବ୍ୟବହାର ଅତି ଉତ୍ତମ, ମତେ ବହୁତ ଖୁସି ମିଳିଲା ହେଲେ ଆପଣଙ୍କ ପରିବାରରେ ପଇସା ଅଛି କିନ୍ତୁ ଅନ୍ୟାନ୍ୟ ଅସୁବିଧା ଲାଗି ରହିଛି। ଏହାକୁ ସୁଧାରିବାକୁ ହେଲେ ପ୍ରତିକାର କରିବାକୁ ପଡ଼ିବ ବୋଲି କହିଥିଲେ। ମହିଳାଙ୍କୁ ବିଶ୍ୱାସ ହେବା ଭଳିଆ ରାସ୍ତାରେ ଯାଉଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଡାକିଥିଲେ। ତାଙ୍କୁ ମଧ ଅନୁରୁପ ଭାବେ ସେହିଭଳି ଭଗବାନଙ୍କ ନାମ ନେଇ ଭୟଭୀତ କରାଇଥିଲେ। ତାପରେ ଦୁଇ ଜଣଙ୍କୁ କର୍ପୁର ଆଣିବାପାଇଁ କହିଥିଲେ। ଦୋକାନ ବନ୍ଦ ଥିବାରୁ କର୍ପୁର ମିଳିଲା ନାହିଁ। ଏହାପରେ ସେ ଅନ୍ୟ ପ୍ରତିକାର ରାସ୍ତା ଅଛି ବୋଲି କହିଥିଲେ। ୫୧ ପାଦ ରାମ ରାମ କହି ଚାଲିଯାଅ ଓ ସେଠାରେ ହନୁମାନଙ୍କ ଦର୍ଶନ ମିଳିବ ବୋଲି କହିଥିଲେ। ସାଙ୍ଗରେ ଥିବା ଅନ୍ୟ ଜଣେ ସହଯୋଗୀ ସେ ୫୧ ପାଦ ଚାଲି ହନୁମାନଙ୍କ ଦର୍ଶନ ପାଇଲି ବୋଲି କହିଥିଲେ। ତାପରେ ମହିଳାଙ୍କୁ ମଧ ୫୧ ପାଦ ଚାଲିବାକୁ କହିଥିଲେ। ଶରୀରରେ ପିନ୍ଧିଥିବା ସୁନା ଅଳଙ୍କାର କାନଫୁଲ ଓ ଚେନ ପର୍ସ ଭିତରେ ଭରି ଦେବାକୁ କହିଥିଲେ। ବିଶ୍ୱାସ ଓ ଭୟରେ ପର୍ସ ଭିତରେ ସୁନା ଅଳଙ୍କାର ଉକ୍ତ ବ୍ୟକ୍ତିଙ୍କୁ ଦେଇ ୫୧ ପାଦ ଆଗକୁ ମହିଳା ଜଣଙ୍କ ଚାଲିଥିଲେ। ୫୧ ପାଦ ଯିବାପରେ ପଛକୁ ଫେରିଥିଲେ ତେବେ ଦୁର୍ବୃତ୍ତ ଦୁଇ ଜଣ ସୁନା ଅଳଙ୍କାର, ୨୫୦୦ ଟଙ୍କା, ଏଟିଏମ୍ କାର୍ଡ ନେଇ ଚମ୍ପଟ ମାରିଥିଲେ।

**ଢେଙ୍କାନାଳ ଘଟଣାର ସମ୍ବଲପୁରରେ ପୁନରାବୃତ୍ତି**

ଅନୁରୂପ ଭାବରେ ଏଭଳି ଘଟଣା ଗତ ଡିସେମ୍ବର ୩୦ ତାରିଖ ଢେଙ୍କାନାଳ କାମାକ୍ଷା ନଗରରେ ଘଟିଥିଲା। ସମ୍ବଲପୁରରେ ଏହାର ପୁନରାବର୍ତ୍ତୀ ହୋଇଛି। ଅଭିଯୋଗ ପାଇ ଅଇଁଠାପାଲି ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରେ ସିସିଟିବି ଯାଞ୍ଚ କରିଛି। ବିଶ୍ୱାସ ଭଗବାନ ଓ ଦେବାଦବୀଙ୍କ ନାମ ନେଇ ଠକୁଛନ୍ତି ତେଣୁ କରି ଲୋକ ମାନେ ସଚେତନ ହୁଅନ୍ତୁ। ଏଭଳି ଠକେଇରୁ ଶୀକାର ନ ହୁଅନ୍ତୁ ବୋଲି ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଅନୁରୋଧ କରିଛନ୍ତି।







# ଚାରମାଳରେ ଜଙ୍ଗଲ ଅଗ୍ନି ନିରାକରଣ ସଚେତନତା ସଭା

**ରେଢାଖୋଲ, ୪।୨(ସମିସ):** ରେଢାଖୋଲ ବନଖଣ୍ଡ ଚାରମାଳ ରେଞ୍ଜର ଚାରମାଳ ନର୍ସରୀଠାରେ ଜଙ୍ଗଲରେ ନିଆଁ ନିରାକରଣ ପାଇଁ ଏକ ସଚେତନାତ ଏକ ସଭା ଅନୁଷ୍ଠିତ ହୋଇଥିଲା। ଚାରମାଳ ରେଞ୍ଜ ଅଧିକାରୀ ଦର୍ଶନୀଆ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଡମାଳ ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ, ଚାରମାଳ ଥାନାଧିକାରୀ, ଚାରମାଳ ଆର୍ ଆଇ, ରେଢାଖୋଲ ଅଗ୍ନିଶମ ଅଧିକାରୀ, ଚାରମାଳ ସରପଞ୍ଚ, ସମିତି ସଭ୍ୟା ଆଦି ଯୋଗଦେଇ ଜଙ୍ଗଲରେ ଲାଗୁଥିବା ନିଆଁକୁ କିପରି ଆୟତ୍ତ କରାଯାଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜଙ୍ଗଲରେ ଯେଉଁ ବ୍ୟକ୍ତି ନିଆଁ ଲଗାଇବ ତା ପ୍ରତି ବନ ବିଭାଗ ଦୃଢ କାର୍ଯ୍ୟାନୁଷ୍ଠାନ ନେବ ବୋଲି ବନ ବିଭାଗ ପ୍ରକାଶ କରିଥିଲା। ଚାରମାଳ ଫରେଷ୍ଟର ବିଜୟ କୁମାର ପ୍ରଧାନ, ସାମ୍ବାଦିକ କନ୍ଦର୍ପ ବେହେରା ଆଲୋଚନାରେ ଭାଗ ନେଇ ଜଙ୍ଗଲ ନିଆଁ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଚାରମାଳ ରେଞ୍ଜର ବନ ସୁରକ୍ଷ ସମିତିର ସଭାପତି ଓ ସଭ୍ୟମାନେ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ସଂଗଠନ ସିଡିର କର୍ମକର୍ତ୍ତା ସହଯୋଗ କରିଥିଲେ।



## ଗୌଡ଼ମାଳରେ ଗୋଁଣ୍ଡ ସମାଜର ବାର୍ଷିକ ବୈଠକ

**ପଦ୍ମପୁର/ଝାରବନ୍ଧ, ୪।୨ (ସମିସ):** ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଅଧିନସ୍ଥ ଭୈଷାଦର୍ହା ଗୁଡି ଆୟୋଜକ ସମିତି ଆନୁକୂଲ୍ୟରେ ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଗୌଡ଼ମାଳରେ ସର୍କଲ ସଭାପତି ସେବକରାମ ଶ୍ରୀଦାରଙ୍କ ଅଧ୍ୟକ୍ଷତାରେ ଗୋଁଣ୍ଡ ସମାଜ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜରାଜ ପୁଟା ଯୋଗଦାନ କରି ସମାଜର ଶିକ୍ଷା,ସ୍ୱାସ୍ଥ୍ୟ ଓ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ପାଦକ ଚିତ୍ତରଞ୍ଜନ ପୋରେ, ଗୀତା ଧରୁଆ, ଲକ୍ଷ୍ମୀ ସିଦାର, କରମ ଧରୁଆ, ଅଶୋକ ନେଟୀ, ମନବୋଧ ପୋରେ, ଲୋକନାଥ ସିଦାର,ଶୋଭାରାମ ସିଦାର, ଶ୍ୟାମ ବିହାରୀ ସିଦାର ପ୍ରମୁଖ ପ୍ରତିନିଧି ଯୋଗଦାନ କରିଥିଲେ।



## ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଅସ୍ମିତାକୁ ମିଳୁଛି ଜାତୀୟ ସ୍ୱୀକୃତି

**ବରଗଡ଼,୪।୨(ସମିସ)**

ପଶ୍ଚିମ ଓଡ଼ଶାର ସାଂସ୍କୃତିକ ଅସ୍ମିତାକୁ ବହୁ ଜାତୀୟ ସ୍ୱୀକୃତି ମିଳୁଛି। ସଦ୍ୟଘୋଷିତ ପଦ୍ମଶ୍ରୀ ସମ୍ମାନ ତାର ପ୍ରମାଣ ବୋଲି ବୋଲି ମନୋହର ସାଂସ୍କୃତିକ ସଂସଦର ଆହ୍ୱାନକ୍ରମେ ଓ ନବଗଠିତ ସାରସ୍ୱତ ସଂସ୍ଥା ଆମର ଦମ ବରଗଡ଼ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କଠାରୁ ପଦ୍ମଶ୍ରୀ ସମ୍ମାନ ପାଇଁ ଘୋଷିତ ଦୁଇ ବର୍ଷିୟାନ ସାଧକ ଶବ୍ଦ ନୃତ୍ୟଗୁରୁ ଭାଗବତ ପଧାନ ଓ ସମ୍ବଲପୁରୀ ଗୀତିକାର ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମତପ୍ରକାଶ ପାଇଛି। ସଂସଦର ସଭାପତି ଉତ୍ପନ୍ନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ସାହିତ୍ୟ ପରିଷଦ, ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼ ସାମ୍ବାଦିକ ସଂଘ, ସମ୍ବିଧାନ ସୁରକ୍ଷା ମଂଚ, ବରଗଡ଼ ଜିଲ୍ଲା ସଂଯୁକ୍ତ କୃଷକ ସଂଗଠନ, ମାଁ ସେବା ସଂସ୍ଥା, ମୟୂର କଳାପରିଷଦ, ଲୁ ନାଟ୍ୟ ସଂସଦ, ଶ୍ରୀଧର ସାହିତ୍ୟ ସଂସଦ, ଡ୍ରାମା ଚେତନା, ଖଗେଶ୍ୱର ସାହିତ୍ୟ କଳା ପରିଷଦ, ପ୍ରକାଶ ସାଂସ୍କୃତିକ ସଂସଦ, ସମ୍ବଲପୁରୀ ଗୁଛା, ବୁଦ୍ଧଦେବ ସାଂସ୍କୃତିକ ସଂସଦ, ଆମର ଗାଁ କଳାପଟା, ସରଗତରା ସାହିତ୍ୟ ସଂସଦ, ଗୌରୀଶଙ୍କର ସାହିତ୍ୟ ସଂସଦ, ଛାଏଁ ଛଏଁରା, ମାଁ ବାଉତି ସାଂସ୍କୃତିକ ସଂସଦ,



ଅଭିମନ୍ୟୁ ସାହିତ୍ୟ ସଂସଦ, ବରଗଡ଼ କୋସଲ ସେନା, ଭେଡ଼େନ କୃଷକ ସଂଗଠନ, କେଦାରନାଥ ସାହିତ୍ୟ ସଂସଦ, ଦଇନି ସାହିତ୍ୟ ସଂସ୍କୃତି ପରିଷଦ, ଜିଲ୍ଲା ବାରିକ ସଂଘ, ଗଣାଇସ୍ତାହାର ଆଦି ବରଗଡ଼ ଜିଲ୍ଲାର ବିଭିନ୍ନ ପ୍ରାନ୍ତର କଳା, ସାହିତ୍ୟ, ସେବା ଓ ସାଂକୃତିକ ଅନୁଷ୍ଠାନ ପକ୍ଷରୁ ସାମୂହିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାରମ୍ଭରୁ ସଂପାଦକ ତେଜରୁ ବାରିକ ସ୍ୱାଗତ ଭାଷଣ, ଆବାହକ ସୁରେଶଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ମାମରାଜ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଗାନ୍ଧୀ ସ୍ମୃତି ପାଠାଗାରର ସଂପାଦକ ବିକ୍ରମ ପଣ୍ଡା,ସଂଯୋଜକ ଉମେଶ ପ୍ରଧାନ, ଡ. ପ୍ରଦୀପ ହୋତା,କବି ବୃନ୍ଦାବନ ସାହୁ, କବି ଦାମ୍ବୋଦର ସାହୁ, ଅଶୋକ ପଶାୟତ, ଲିଂଗରାଜ ପଧାନ, ଅଧ୍ୟାପକ ସନ୍ତୋଷ ତ୍ରିପାଠୀ, ବିରବଲ ମହାକୁର, ରମେଶ ମହାପାତ୍ର, ସୁଦାମ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଭେଡେନ ରାମଲୀଳା ମହୋତ୍ସବ

## ରାମ-ସୀତାଙ୍କ ବିବାହ ସମ୍ପନ୍ନ, ରାବଣର ସ୍ୱର୍ଗ ଅଧିକାର

**ଭେଡେନ, ୪।୨(ସମିସ) :** ଭେଡେନଠାରେ ଚାଲିଥିବା ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳା ମହୋତ୍ସବର ରବିବାର ତୃତୀୟ ସନ୍ଧ୍ୟାରେ ରାମ-ଲକ୍ଷ୍ମଣ ଗୁରୁ ବିଶ୍ୱାମିତ୍ରଙ୍କ ସହ ଗଙ୍ଗା ନଦୀ ପାରିହୋଇ ମିଥିଳା ନରେଶ ଜନକଙ୍କ କନ୍ୟା ଜାନକୀଙ୍କ ସ୍ୱୟମ୍ବର ସଭାରେ ପହଞ୍ଚିଥିଲେ। ସ୍ୱୟମ୍ବର ସଭାରେ ହଠାତ ବିନା ନିମନ୍ତ୍ରଣରେ ଲଙ୍କା ନରେଶ ରାବଣ ପ୍ରବେଶ କରି ଶିବଙ୍କ ଧନୁକୁ ସମ୍ମାନ ଜଣାଇ ଫେରିଆସିଛି। ଶେଷରେ ଅଯୋଧ୍ୟା ଯୁବରାଜ ଶ୍ରୀରାମଚନ୍ଦ୍ର ଗୁରୁ ବିଶ୍ୱମିତ୍ରଙ୍କ ଅନୁମତି ନେଇ ଶିବଧନୁ ଭଙ୍ଗ କରିଛନ୍ତି। ଶିବଧନୁ ଭାଙ୍ଗିବାର ଶବ୍ଦ ଶୁଣି ଝଡ଼ବେଗରେ ପର୍ଶୁରାମ ପ୍ରବେଶ କରିଛନ୍ତି। ରାମ ପର୍ଶୁରାମଙ୍କ ମିଳନ ହୋଇଛି। ରାମ-ସୀତାଙ୍କ ବିବାହ ଅନୁଷ୍ଠିତ ହୋଇଛି। ଲଙ୍କା ଦରବାରରେ ରାବଣ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରିଛି। ରାବଣ ପ୍ରେରଣ କରିଥିବା ଦୂତ ଇନ୍ଦ୍ରଙ୍କ ଠାରୁ ଅପମାନିତ ହୋଇ ଫେରିଆସିଛି। ଏହା ଶୁଣି କ୍ରୋଧରେ ଜର୍ଜରିତ ହୋଇ ଦଶାନନ ରାବଣସ୍ୱର୍ଗ ଆକ୍ରମଣ କରି ସମସ୍ତ ଦେବତାମାନଙ୍କୁ ପରାସ୍ତ କରି ବନ୍ଦୀକରି ପଦ ସେବା କରିବା ପାଇଁ ଆଦେଶ ଦେଇଛି ଦଶାନନ ରାବଣ। ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞର ଅନ୍ନପ୍ରସାଦର ବ୍ୟବସ୍ଥା ଭେଡେନ ମାରୱାଡି ସମାଜ ଆୟୋଜନ କରିଥିଲା। ଭେଡେନ ବାବା ସିଦ୍ଧେଶ୍ୱର ମନ୍ଦିର ରରେ ଚାଲିଥିବା ନାମଯଜ୍ଞରେ ଶ୍ରୀହରି ନାମଜପ କରିବାକୁ ବିଭିନ୍ନ ଆଞ୍ଚଳରୁ କୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଥାନା ସମ୍ମୁଖ ରାବଣ ଦରବାରର ମଞ୍ଚ ପରିଚାଳନା ସରୋଜ ରଥ ଦାୟିତ୍ୱ ତୁଲାଉଛନ୍ତି। ରାବଣ ଦରବାରରେ ରଜ ଅତିଥିଭାବରେ ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶ ଯୋଗଦାନ କରିଥିଲେ। ରାବଣ ଭୂମିକା ବିଶିଷ୍ଟ ମଞ୍ଚ କଳାକାର ଜଗଦାନନ୍ଦ ମିଶ୍ର, ରାମ-ମହେନ୍ଦ୍ର ସେଟ, ଲକ୍ଷ୍ମଣ-ସଚିନ ମହାପାତ୍ର, ସୀତା-ମଧୁସ୍ମିତା ଦାଶ, ଦଶରଥ-ସେବାନନ୍ଦ ନାୟକ, ଅହଲ୍ୟା- ସୁନିତା ଦରାଇ, ପର୍ଶୁରାମ-ବୁଲୁ ପଧାନ,ଜନକ:- ସୋମନାଥ ପଧାନ, ମନ୍ତ୍ରୀ:- ମୁନା ବିଶ୍ୱାଳ, ମନ୍ତ୍ରୀ:-ବଳବନ୍ତ ଭୋଇ, ଦିଲୀପ ପୋଡ଼,ସୁମନ୍ତ:-ଭରତ ଭୋଇ ପ୍ରମୁଖ ଅଭିନୟ କରୁଛନ୍ତି। ରାଜ ଦରବାରରେ ହୀରାକୁଦ ନାଟ୍ୟ କଳାପରିଷଦ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାଜଅତିଥି ଭାବରେ ଭେଡେନ ଥାନାଧିକାରୀ ପ୍ରେମଜିତ ଦାଶ ଓ ରକ୍ଷୁଡା ଫାଣ୍ଡି ଅଧିକାରୀ ପ୍ରମୋଦ ସାହୁ ଯୋଗଦାନ କରିଥିଲେ।





## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୪୧ ୟୁନିଟ ସଂଗ୍ରହ



**ଭେଡେନ, ୪।୨(ସମିସ):** ଭେଡେନ ନବରାତ୍ର ଶ୍ରୀହରି ନାମଯଜ୍ଞ ଓ ରାମଲୀଳା ଅବସରରେ ସାମାଜିକ ଅନୁଷ୍ଠାନ ଅମୃତ କୁଟୁମ ପକ୍ଷରୁ ଅଯୋଧ୍ୟା ମଣ୍ଡପରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ରାବଣ ମହାରାଜ ଜଗଦାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଧନେଶ୍ୱର ସାହୁ ଯୋଗଦାନ କରିଥିଲେ। ଏହି ଶିବିରରେ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ଆନନ୍ଦ ସୁନା, ଭବାନୀ ପାଢ଼ୀ, ଘନଶ୍ୟାମ ଅଗ୍ରୱାଲ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମଲମଣ୍ଡା ଛକର ଗର୍ତ୍ତ ମରାମତି କଲା ଆର୍‌ଡି ବିଭାଗ

**ଗୁଦେରପାଲି, ୪।୨ (ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ମଲମଣ୍ଡା ଚାରିଛକରେ ଦୀର୍ଘ ଦିନରୁ ପ୍ରାୟ ୬ ଫୁଟ ଲମ୍ବ ଏବଂ ୨ ଫୁଟ ଗଭୀରର ଏକ ଗର୍ତ୍ତ ସୃଷ୍ଟି ହୋଇଥିଲା। ପଦ୍ମପୁର ବ୍ଲକ ଦୀପ୍ତିପୁରଠାରୁ ବଲାଙ୍ଗିରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ରାସ୍ତା ଏବଂ ଗାଇସିଲେଟ ବ୍ଲକ ଅନ୍ତର୍ଗତ କୁଣ୍ଡାଖାଇଠାରୁ ଗାଇସିଲେଟ ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ସଡ଼କର ସଂଯୋଗସ୍ଥଳ ହେଉଛି ମଲମଣ୍ଡା ଚାରିଛକ। ସେହି ଛକରେ ଦୀର୍ଘ ଦିନରୁ ରହିଥିବା ଏକ ଗର୍ତ୍ତକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ମରାମତି କରିଛି। ବିଭାଗୀୟ ଅଧିକାରୀ ଏହି ସ୍ଥାନଟି କାହା ଅଧୀନରେ ରହିଥିଲା ସେନେଇ ଦ୍ୱନ୍ଦ୍ୱରେ ରହିଥିଲା ବେଳେ ଏ ସଂକ୍ରାନ୍ତରେ 'ସକାଳ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ଆଧାରରେ ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗ ତରଫରୁ ଗର୍ତ୍ତ ମରାମତି ହୋଇଛି। ଏ ବିଷୟରେ ଟୁଇଟର କୁଇନ୍ ଦୀପା ବାରିକ ମଧ ଟୁଇଟ୍ ମାଧମରେ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ସ୍ଥାନୀୟ ଜନସାଧାରଣ ସକାଳ ଦୈନିକ ଖବରକାଗଜକୁ ଧନ୍ୟବାଦ ଅର୍ପଣ କରିଛନ୍ତି।





ପଶ୍ଚିମ ଓଡ଼ିଶା ଶ୍ରୀକ୍ଷେତ୍ର ଭଟଲି ଶ୍ରୀ ଶ୍ରୀଦଧିବାମନ ମହାପ୍ରଭୁଙ୍କ ନବନିର୍ମିତ ମାଉସୀ ମା' ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ଗ୍ରାମବାସୀଙ୍କୁ ନେଇ ବୈଠକ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ'







**ଝାରବନ୍ଧ/ଢୁଙ୍ଗୁରି/ପଦ୍ମପୁର/ବରପାଲି/ଅମ୍ବାଭୋନା/ବିଜେପୁର/ବରଗଡ଼, ୪।୨(ସମିସ)**

ଝାରବନ୍ଧ ବ୍ଲକ ଛୋଟଅନକୀ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରତିନିଧି ରାଜୁ ଘିବେଲା ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ସରପଞ୍ଚ ଚିନ୍ତାମଣି ରାଉତ, ସମିତିସଭ୍ୟ ସତ୍ୟମ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ବିଜେଡି ନେତା ନନ୍ଦଲାଲ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ସତ୍ୟ ସାହୁ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ଭୁଏ, ଗ୍ରାମ ରୋଜଗାର ସେବକ ପଦ୍ମଲୋଚନ ସରାଫ ସହଯୋଗ କରିଥିଲେ। ଅଙ୍ଗନବାଡି କେନ୍ଦ୍ର ପୁଷ୍ଟିକର ଖାଦ୍ୟ, କୃଷି ବିଭାଗ କୃଷି ବିହନ, କୀଟନାଶକ ପ୍ରଦର୍ଶନୀ କରିଥିଲେ। ସୁପରଭାଇଜର ପ୍ରୀତିମଞ୍ଜରୀ ଦୀପ, ସହକାରୀ କୃଷି ଅଧିକାରୀ ଗୌରାଙ୍ଗ ଚରଣ ମହାରଣା, ସମସ୍ତ ସିଆରପି, ଏମବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଗ୍ରାମପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ। ଓଡିଶା ସରକାରଙ୍କର ଯୋଜନାକୁ ସଂଚାର ମାଧ୍ୟମରେ ଗୁରୁ ଘନଶ୍ୟାମ ନାଗ ଏବଂ ସାଥୀ ପରିବେଷଣ କରିଥିଲେ।

ଅମ୍ବାଭୋନା ବ୍ଲକର ବାଂଜିପାଲି ପଞ୍ଚାୟତରେ ବିଡିଓ ଶଙ୍କର ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷ କିର୍ତ୍ତୀଚନ୍ଦ୍ର ଦୁଆନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲଖନପୁର ସରପଞ୍ଚ ସତ୍ୟଭୂଷଣ ସାହୁ, ସୁରେଶ



ପଧାନ, ସନ୍ତୋଷ ସାହୁ ପ୍ରମୁଖ ଉଦ୍ବୋଧନ ଦେଇଥିଲେ। ବାଞ୍ଜିପାଲି ସରପଞ୍ଚ ଅରୁନ୍ଧତୀ ମାଝି, ସମିତିସଭ୍ୟା ଇନ୍ଦୁମତୀ ଧୁରୁଆ, ବିଧାୟକ ପ୍ରତିନିଧି ରଘୁନାଥ ପଟେଲ, ବରିଷ୍ଠ ସାମ୍ବାଦିକ ହେମନ୍ତ ପ୍ରଧାନ, ବାନ୍ଥା ଭୁଏ, ଗୋବିନ୍ଦ ମଲ୍ଲିକ, ସାର ପଧାନ, ପ୍ରମୋଦ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପଞ୍ଚାନନ ପୁରୋହିତ ସଂଯୋଜନା କରିଥିଲେ।

ପଦ୍ମପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ 'ଭାଷା ଅତୀତର ଅସ୍ତିତ୍ୱ, ଭାଷା ହିଁ ଭବିଷ୍ୟତ' ଅନ୍ତର୍ଗତ ପ୍ରଥମ ବିଶ୍ୱ ଓଡ଼ିଆଭାଷା ସମ୍ମିଳନୀରେ ସଭାପତିତ୍ୱ କରିଥିଲେ ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ। ମୁଖ୍ୟଅତିଥି ଭାବରେ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ଗୋପାଲଜୀ ପ୍ରସାଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ସହ ଶିକ୍ଷାଧିକାରୀ ଶିବପ୍ରସାଦ ଯୋଶୀ, ରାମସିଂ ଭୋଇ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଦାନନ୍ଦ ପୁରୋହିତ, ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ସାହୁ ଓ କଳ୍ପନା



ସାହୁ ଯୋଗ ଦେଇଥିଲେ। ଦିଲ୍ଲୀପ ଭୋଇ ଅତିଥି ପରିଚୟ କରିବା ସହ ନେତ୍ରାନନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନୀଲ ଦୋରାଙ୍କୁ ସଫଳ ଆୟୋଜକ ରୂପେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ବ୍ଲକର ୧୬୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ସୋମବାର ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଅଂଶଗ୍ରହଣ କରିବେ। ଶ୍ରୀକାନ୍ତ ପ୍ରଧାନ, ସସ୍ମିତା ଦୋରା, ଶ୍ରୀମତୀ ଭାରତୀ କଣ୍ଡା, ତପସ୍ୱିନୀ ବରିହା, ସୈରେନ୍ଦ୍ରୀ ସେଠ୍, ସୁଶ୍ରୀ ସୋନାଲିକା ଶବର, ସଂଜୀବ ବାରିକ, ପ୍ରଭାତ ସାହୁ, ଭଗବାନ ତରିଆ, ଟିକନୁ ସାହୁ, ରାଜେଶ ଖମାରୀ, ପ୍ରମୋଦ ନାଥ ଓ ବ୍ଲକର ସମସ୍ତ ସିଆରସିସି ଏବଂ ବ୍ଲକ ଶିକ୍ଷା ଅଫିସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ନେତ୍ରାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବରପାଲି ବ୍ଲକ ଭଟିଗାଁ ପଞ୍ଚାୟତ ପକ୍ଷରୁ ପଞ୍ଚାୟତବାସୀଙ୍କ ଗହଣରେ ଆମ ଓଡିଶା ନବୀନ ଓଡିଶା ସଙ୍କଳ୍ପ ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବ୍ଲକ ଅଧକ୍ଷା ରିନା ଥଇତ ଯୋଗ ଦେଇଥିଲେ। ସରପଞ୍ଚ ହିମାଞ୍ଚଳ ସାହୁ ସଭାପତିତ୍ୱ କରିଥିଲେ। ପୂର୍ବତନ ସମିତିସଭ୍ୟ ଧନେଶ୍ୱର ସିଂ ସଂଯୋଜନା କରିଥିଲେ। ପଞ୍ଚାୟତ କର୍ମଚାରୀ ସହକର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶା ଦିଦି, ଜିଆରଏସ ନାଏବ ସରପଞ୍ଚ ତଥା ୱାର୍ଡସଭ୍ୟ ସହଯୋଗ କରିଥିଲେ।

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲଖନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବିଇଓ ସୁଶ୍ରୀ ଭାବନା ସାହୁ, ଏବିଇଓ ମୋହନ ଚରଣ ମହନ୍ତ, ଲଖନପୁର ସରପଞ୍ଚ ସତ୍ୟଭୂଷଣ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ବେହେରା, ସରକାରୀ ଉଚ୍ଚ ବିଦ୍ୟାଳୟ, ଉତ୍ତମର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା, ଲଖନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋହନ କାଲୋ ମଞ୍ଚାସୀନ ଥିଲେ। ଅମ୍ବାଭୋନା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ଡଃ ପ୍ରଶାନ୍ତ ପଣ୍ଡା ଆଲୋଚକ ଭାବରେ ଯୋଗ ଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକର ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କ ସଂଯୋଜନା କ୍ରମେ ଶିକ୍ଷକ ରୋହିତ ଭୁଏ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସିଆରସିସି ରାମେଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ତାଳପଦର ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରାଜେଶ୍ୱର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ସମାରୋହରେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସାହୁ ମୁଖ୍ୟଅତିଥି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଦିବାକର ବରିହା ସମ୍ମାନିତ ଅତିଥି, ଶିକ୍ଷାବିତ କ୍ଷୀରୋଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଉଦଯାପନୀ ସମାରୋହକୁ ସଂଯୋଜନା କରିଥିଲେ ସିଆରସିସି ଦୁର୍ବାଦଳ ବଡଗୋଛିଆ। ସିଆରସିସି ସୀତାରାମ ଦୀପ, ପ୍ରଭାତ ରଞ୍ଜନ ସାହୁ, ହେମନ୍ତ ଆରୁକ, ଡୋଳାମଣି କୁମ୍ଭାର, ସୌମ୍ୟରଞ୍ଜନ ପଧାନ ସହଯୋଗ କରିଥିଲେ। ସିଆରସିସି ନବୀନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ବ୍ଲକସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଓ ସମ୍ମାନିତ ଅତିଥି ଭାବରେ ରାଧାକାନ୍ତ ଛତ୍ରି ଯୋଗଦାନ କରିଥିଲେ। ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ସଭାପତିତ୍ୟ କରିଥିଲେ। ସମସ୍ତ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଓ ସମସ୍ତ ସିଆରସିସି ସହଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ଜଗଦୀଶ ବେହେରା, ତାଲଶ୍ରିଗିଡା ଉଚ୍ଚ ବିଦ୍ୟାଳୟ ଜୟଶ୍ରୀ ପ୍ରଧାନ, ଜର୍ଜ ହାଇସ୍କୁଲ ଶାଶ୍ୱତୀ ଦାସ, ବାଲିଯୁରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ ଓ ବରଗଡ଼ ବ୍ଲକର ୪ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ୫୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଘାସିରାମ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



### ଜିଲ୍ଲାସ୍ତରୀୟ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

# ଜିଲ୍ଲାର ବିକାଶ ପାଇଁ ବ୍ରତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

**ବରଗଡ଼, ୪।୨(ସମିସ)**

ବରଗଡ଼ ଜମୁର୍ଡା ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ନୂଆ-ଓ, ଯୁବ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ସ୍କୁଲ, କଲେଜ, ମନ୍ଦିର, ମସଜିତ ଠାରୁ ଆରମ୍ଭ କରି ସମଗ୍ର ଓଡ଼ିଶାର ରୂପାନ୍ତରଣ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫ ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆପଣମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ଓଡ଼ିଶା ତଥା ବରଗଡ଼ ଜିଲ୍ଲାକୁ ଆଗକୁ ନେବା ପାଇଁ ସଂକଳ୍ପ ନିଅନ୍ତୁ ବୋଲି ବିଧାୟକ ଆଚାର୍ଯ୍ୟ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ ଅତିଥି ଭାବରେ ଯୋଗ ଦେଇ ଯୁବ ପିଢ଼ି ହିଁ ଆମ ଦେଶର ଭବିଷ୍ୟତ ଓ ଆଗାମୀ ଦିନରେ ସେମାନଙ୍କ ନିଷ୍ଠାପର ଉଦ୍ୟମ ଦ୍ୱାରା ଆମ ରାଜ୍ୟର ସର୍ବାଙ୍ଗୀନ ବିକାଶ ହେବା ସହିତ ଓଡ଼ିଶା ଆଗକୁ ବଢ଼ିବ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ୫-ଟି ଅଧକ୍ଷ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ କହିବା ସହିତ ସେମାନଙ୍କୁ ଭଲ ପାଠ ପଢ଼ି ସୁନାଗରିକ ହେବା ପାଇଁ ପ୍ରେରଣା ଦେଇଥିଲେ। ବରଗଡ଼ ଜିଲ୍ଲାର ସମସ୍ତ ୧୨ଟି ବ୍ଲକର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୧୦୦୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ କଳାକାରମାନଙ୍କ ଦ୍ୱାରା ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ଖୁସିରେ ଉପଭୋଗ କରିବା ସହିତ ଏଭଳି ଏକ ବୃହତ କାର୍ଯ୍ୟକ୍ରମର ଆୟୋଜନ କରି ସେମାନଙ୍କର ପ୍ରତିଭା ବିକଶିତର ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।



## ଅଭିମନ୍ୟୁ ସାହିତ୍ୟ ସଂସଦର ପୁସ୍ତକ ଉନ୍ମୋଚନ ଓ କବିତା ଆସର

**ବରଗଡ଼, ୪।୨(ସମିସ):** ସମ୍ବଲପୁରୀ ଭାଷାକୁ ଆହୁରି ଉଚ୍ଚ କୋଟିର କରିବାକୁ ହେଲେ ଅନ୍ୟ କୌଣସି ଭାଷାକୁ ଅଗ୍ରାହ୍ୟ କରିବା ଆବଶ୍ୟକ ନୁହେଁ ବରଂ ଅନ୍ୟ ଭାଷାମାନଙ୍କୁ ସମ୍ମାନ ଓ ଗ୍ରହଣ କଲେ ସମ୍ବଲପୁରୀ ଭାଷା ଆହୁରୀ ଉଚ୍ଚକୋଟିର ହୋଇପାରିବ ବୋଲି ରବିବାର ଗାନ୍ଧୀ ସ୍ମୃତି ପାଠାଗାରରେ ବରଗଡ଼ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ ଘେଁସ ତରଫରୁ ପୁସ୍ତକ ଉନ୍ମୋଚନ ସମାରୋହ ଓ କବିତା ପାଠ ଅବସରରେ ମତପ୍ରକାଶ ପାଇଛି। ସଂସଦର ଉପସଭାପତି ପ୍ରିୟବ୍ରତ ସାହୁଙ୍କ ସଭାପତିତ୍ୱ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ କଥାକାର ଧନପତି ମହାପାତ୍ର ଯୋଗଦାନ କରିଥିଲେ। ଅତିଥିଙ୍କ ଦ୍ୱାରା ଡ଼. ସୁବାଷ ମେହେର ଙ୍କ ଲିଖିତ ପୁସ୍ତକ 'ସମ୍ବଲପୁରୀ/କୋଶଲୀ ଭାଷାର ବିକାଶ ଧାରା' ଉନ୍ମୋଚିତ ହୋଇଥିବା ବେଳେ ପୁସ୍ତକ ସମୀକ୍ଷା କରିଥିଲେ ବିଶିଷ୍ଟ ସାହିତ୍ୟିକ ଉତ୍ପନ୍ନ ଭୋଇ। କବି ଇନ୍ଦ୍ରଜିତ ମେହେରଙ୍କ ଲିଖିତ ତିନୋଟି ବହି ଭଗବତ ଗୀତାର ଅନୁବାଦ ଓ ଭାଗବତ ତତ୍ତ୍ୱର ପ୍ରଥମ/ଦ୍ୱିତୀୟ ଭାଗ ଉନ୍ମୋଚିତ ହୋଇଥିଲା। ଏହାକୁ ସମୀକ୍ଷା କରିଥିଲେ ଡ଼. ପୁଷ୍ପକୁମାର ମେହେର ଓ ଡ଼. ଶେଷନ ବିଶି। କାର୍ଯ୍ୟକ୍ରମରେ ସମ୍ପାଦକ ଶୋଭାଚନ୍ଦ୍ର ପଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଯୋଜନା କରିଥିଲେ କେଦାର ସାହୁ। ସେହିପରି ଦ୍ୱିତୀୟ ଅଧିବେଶନରେ କବି ନୀତିଶ ଆଚାର୍ଯ୍ୟ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଦେବାର୍ଚ୍ଚନ ନାଏକ ଯୋଗଦେଇଥିଲେ ଏବଂ ସମ୍ମାନିତ ଅତିଥି ଭାବରେ ନାରୀ କବି ଦର୍ଶନା ଅଗ୍ରୱାଲ ଯୋଗଦାନ କରିଥିଲେ। କବିତା ପାଠ କାର୍ଯ୍ୟକ୍ରମକୁ କବି ମୁନିରାମ କୁମ୍ଭାର ଓ ଅହଲ୍ୟା ସାହୁ ସଂଯୋଜନା କରିଥିବା ବେଳେ ୪୦ରୁ ଅଧିକ କବି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ରେ ସ୍ୱାଗତ ସଙ୍ଗୀତ କବି ଶରତ ପାଢ଼ୀ ପରିବେଷଣ କରିଥିବା ବେଳେ କୈଳାସ ରାଜହଂସ ଧନ୍ୟବାଦ ଦେଇଥିଲେ। ତୁଳସୀ ବାରିକ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

## ଝାରବନ୍ଧ ଆଦର୍ଶ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଝାରବନ୍ଧ, ୪।୨(ସମିସ):** ଝାରବନ୍ଧ ବଳିଡ଼ିପାଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଅଧକ୍ଷ ବିଜୟ ଦାନି ଉତ୍ସବକୁ ଉଦଘାଟନ କରିଥିଲେ। ଶିବ ମନ୍ଦିରରୁ କ୍ରୀଡାଜ୍ୟୋତିକୁ ଛାତ୍ରମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଉତ୍ସବସ୍ଥଳକୁ ଆଣିଥିଲେ। ବିଦ୍ୟାଳୟର ଛାତ୍ର ବିଶ୍ୱଭୂଷଣ ପ୍ରଧାନ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳାର ସହ କ୍ରୀଡା ଉତ୍ସବରେ ଯୋଗଦାନ କରିବାକୁ ଶପଥ ପାଠ କରାଇଥିଲେ। ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁମନ୍ତ ସାହୁ, ଗୋଠୁଗୁଡା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଶ୍ୱରଞ୍ଜନ ଛତ୍ରି, ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବେଦବ୍ୟାସ ସାହୁ ଖେଳ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ମିର୍ଦ୍ଧା ମୁଖ୍ୟଅତିଥି, ସମ୍ମାନିତ ଅତିଥି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୟାନିଧି ସାହୁ ଯୋଗ ଦେଇଥିଲେ। ବାଳିକା ବିଭାଗରେ ପ୍ରିନ୍ସି ପ୍ରଧାନ ଓ ବାଳକ ବିଭାଗରେ ଜୟକୁମାର ସାହୁ ଚାମ୍ପିଅନ ହୋଇଥିଲେ। ସାମାଜିକ ବିଜ୍ଞାନ ଶିକ୍ଷକ ଅସିତ ମିର୍ଦ୍ଧା ଧନ୍ୟବାଦ ଦେଇଥିଲେ।



### ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

# ପାଇକମାଲ ଉଚ୍ଚ ବିଦ୍ୟାଳୟକୁ ଶ୍ରେଷ୍ଠ ପୁରସ୍କାର



**ବରଗଡ଼, ୪।୨(ସମିସ):** ପାଇକମାଲ ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ଶ୍ରେଷ୍ଠ ସ୍କୁଲ ବର୍ଗରେ ହାସଲ କରିଛି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ଶ୍ରେଷ୍ଠ ସ୍କୁଲ୍ ବର୍ଗରେ ବରଗଡ଼ ଜିଲ୍ଲାର ପାଇକମାଲ ଉଚ୍ଚ ବିଦ୍ୟାଳୟ ସଫଳତା ହାସଲ କରି ୧୦ ଲକ୍ଷ ଟଙ୍କାର ପୁରସ୍କାର ସମେତ ବ୍ୟକ୍ତିଗତ ସ୍ତରରେ ଆଉ ୩ ଲକ୍ଷକୁ ମିଶାଇ ସମୁଦାୟ ୧୩ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ ପୁରସ୍କାର ରାଶି ଗ୍ରହଣ କରିବା ସହ ଏହି ବିଦ୍ୟାଳୟରେ ଦଶହରା, ବଡ଼ଦିନ ପରି ଛୁଟିଦିନରେ ମଧ୍ୟ ନିୟମିତ ୨ ଘଣ୍ଟା ଲେଖାଏଁ ଛାତ୍ରଛାତ୍ରୀମାନେ ପାଠ ପଢ଼ିଥାନ୍ତି ବୋଲି ସୂଚନା ଦେଇଛନ୍ତି। ଏହାଛଡ଼ା ପ୍ରତିଦିନ ବିଦ୍ୟାଳୟ ଆରମ୍ଭ ହେବାପୂର୍ବରୁ ସକାଳ ୯ଟା ୩୦ ମିନିଟରୁ ପୂର୍ବାହ୍ନ ୧୦ଟା ୨୦ ମିନିଟ ପର୍ଯ୍ୟନ୍ତ ନବମ ଓ ଦଶମ ଶ୍ରେଣୀର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଏ। ବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷକ ଓ ଶିକ୍ଷୟିତ୍ରୀ କିଛି କିଛି ଛାତ୍ରଛାତ୍ରୀଙ୍କୁ ପୋଷ୍ୟ ଭାବରେ ଗ୍ରହଣ କରିଥାନ୍ତି। ସେମାନଙ୍କୁ ଶିକ୍ଷାଗତ, ଆର୍ଥିକ ଏବଂ ସାମାଜିକ ସ୍ତରରେ ସାହାଯ୍ୟ କରିଥାନ୍ତି। ବିଦ୍ୟାଳୟଟି ୫-ଟି ଜରିଆରେ ରୂପାନ୍ତରିତ ହେବାପରେ ଏଠାକାର ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ୍ ବ୍ୟବହାର ଜରିଆରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୈଷୟିକ କୌଶଳକୁ ଯଥେଷ୍ଟ ବୃଦ୍ଧି କରି ପାରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ପାଇକମାଲ ଉଚ୍ଚ ବିଦ୍ୟାଳୟର ଏହି ସଫଳତା ବଜାୟ ରଖିବାକୁ ବଦ୍ଧପରିକର ଥିବା ପ୍ରକାଶ କରିଛନ୍ତି।

> • ମିଳିଲା ୧୩ ଲକ୍ଷ ଟଙ୍କା ପୁରସ୍କାର ରାଶି
>
> • ଛୁଟିଦିନରେ ବି ହୁଏ ପାଠପଢ଼ା

## ଆତ୍ମସୁରକ୍ଷା ତାଲିମ ଉଦ୍‌ଯାପିତ

**ପଦ୍ମପୁର, ୪।୨ (ସମିସ):** ପଦ୍ମପୁର ଉପଖଣ୍ଡ ଗନିଆପାଲି ଗୌତମ ବୁଦ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅଧକ୍ଷ ସଞ୍ଜୟ ସିୟ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ସଂଯୋଜକ ତଥା ବିଦ୍ୟାଳୟର ଗ୍ରନ୍ଥାଗାର ରକ୍ଷକ ବିବରଣୀ ଉପସ୍ଥାପନ କରିଥିଲେ। ଶିବିରରେ ୬୬ ଜଣ ଛାତ୍ରୀ ଯୋଗ ଦେଇଥିଲେ। ସୋନାଲୀ ବିଶ୍ୱାଳ ତାଲିମ ଦେଇଥିଲେ। ଅଧ୍ୟାପିକା କଲ୍ୟାଣୀ ଆନନ୍ଦ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ମହର୍ଷି ଦୟାନନ୍ଦଙ୍କ ସ୍ମୃତିରେ କ୍ୟାଲେଣ୍ଡର ଉନ୍ମୋଚିତ

**ବରଗଡ଼, ୪।୨(ସମିସ):** ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ରାଣା ପ୍ରତାପ ସ୍କୁଲରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦୁଇଶତ ଜନ୍ମବାର୍ଷିକୀ ସ୍ମାରକୀ ୨୦୨୪ ମସିହାର କ୍ୟାଲେଣ୍ଡର ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ଅଧକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ସଂଗଠନ ମନ୍ତ୍ରୀ ପଣ୍ଡିତ ଧନୁର୍ଦ୍ଧର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋଷାଧକ୍ଷ ରମେଶ ଭୋଇ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦୁଇଶତ ଜନ୍ମବାର୍ଷିକୀ ପାଳନ ଓ ଦୁଇଶହ କୁଣ୍ଡୀୟ ଯଜ୍ଞର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ।ଏହି ଅବସରରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦୁଇ ଶତ ବାର୍ଷିକୀ ସ୍ମାରକୀ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ପଣ୍ଡିତ ଦୀନମଣି ଅଗ୍ନିହୋତ୍ରୀ, ଶିବପ୍ରସାଦ ପାତ୍ର, ପଣ୍ଡିତ ଆରୁନି ଶାସ୍ତ୍ରୀ, କେଶବ ମେହେର, ଚୈତନ୍ୟ ଭୋଇ, ସଚେତନ ମୁନି, ଡ଼ଗର ବାନପ୍ରସ୍ତୀ, ବିନୋଦ ବିହାରୀ ମେହେର, ପିତାମ୍ବର ସାହୁ, ସୋମଦତ୍ତ ଶାସ୍ତ୍ରୀ, ଅଶୋକ ମେହେର, ଅର୍ଜୁନ ସେଟ୍, ପଣ୍ଡିତ ଗୋପବନ୍ଧୁ ପୁରୋହିତ, ସୀତାରାମ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ସମ୍ପାଦକ ରାଜକୁମାର ବରାଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ବୀରେନ୍ଦ୍ର କୁମାର ସ୍ମାରକୀ ଫୁଟ୍‌ବଲ ଉଦ୍‌ଯାପିତ

**ଗାଇସିଲେଟ, ୪।୨ (ସମିସ):** ଗାଇସିଲେଟ ବ୍ଲକ ବୁରୋମୁଣ୍ଡା ଖେଳପଡିଆରେ ପୂର୍ବତନ ବିଧାୟକ ବୀରେନ୍ଦ୍ର ସାହୁ ସ୍ମାରକୀ ୧୮ତମ ଦୁଇଦିନିଆ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ବୁରୋମୁଣ୍ଡା ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଶିକ୍ଷାବିତ ତଥା ଗ୍ରାମର ଗୌନ୍ତିଆ ଭୂବନ୍ଦେ ସାହୁ, ସମ୍ମାନିତ ଅତିଥି ଭାବରେ ଜାମୁଟପାଲି ସମିତିସଭ୍ୟ ସରୋଜ ଶ୍ରୀଭୂଷଣ ସାହୁ ଯୋଗ ଦେଇଥିଲେ। ଏଥିରେ ସର୍ବମୋଟ ୮ଟି ଫୁଟବଲ କ୍ଲବ ଯୋଗ ଦେଇଥିବା ବେଳେ ଘେଁସ ଏବଂ ବଲାଙ୍ଗିର ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଉଦଯାପନୀରେ ମୁଖ୍ୟଅତିଥି ଭାବରେ ଗାଇସିଲେଟ ତହସିଲଦାର ଟିଟସ୍ ମହାନନ୍ଦିଆ, ସମ୍ମାନିତ ଅତିଥି ଭାବରେ ଗାଇସିଲେଟ ସରପଞ୍ଚ ଶରତ କାଲୋ, ସନ୍ଧିବାହାଲ ସମିତିସଭ୍ୟ ଦେବେନ୍ଦ୍ର ଯୋଷୀ, ପରଦେଶୀ ପଧାନ, ରବୀନ୍ଦ୍ର ଠାକୁର, ପାଣ୍ଡବ ନନ୍ଦ, ଭାରତ ଦାଶ, ସଞ୍ଜୀବ ପଣ୍ଡା, ପୂର୍ବତନ ଘେଁସ ସରପଞ୍ଚ ଗୋକୁଳ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ଖେଳରେ ସ୍ପୋର୍ଟସ ହଷ୍ଟେଲ ବଲାଙ୍ଗିର ଫୁଟବଲ କ୍ଲବ ଚାମ୍ପିଅନ ହୋଇଥିଲା। ଖେଳ ଶେଷରେ ଅତିଥିଙ୍କ ଦ୍ୱାରା ବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସତାରସେନ୍ ପଧାନ, ଗୌରାଙ୍ଗ ପାଣ୍ଡେ, ପ୍ରଦୀପ ଦାଶ, ସୁରେଶ ନାୟକ ଖେଳ ପରିଚାଳନା କରିଥିଲେ। ସିଦ୍ଧେଶ୍ୱର ଛତର, ପ୍ରେମରଞ୍ଜନ ବାଗ, ବାବୁଲୁ ଗଡତିଆ, ଆଶୁତୋଷ ସାହୁ, ପ୍ରଭାସ ପଧାନ ପ୍ରମୁଖ ସହଯୋଗ କରିଥିଲେ।



## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷାଙ୍କ ସରେଇକେଲା ପରିଦର୍ଶନ

**ପଦ୍ମପୁର, ୪।୨(ସମିସ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସରେଇକେଲା ପଞ୍ଚାୟତ ସରେଇକେଲା ଗ୍ରାମକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ସୁଶୀଳା ଭୋଇ ପରିଦର୍ଶନ କରି ଆଦିବାସୀଙ୍କ ସହ ଆଲୋଚନା କରିଥିଲେ। ପୂର୍ବତନ ସରପଞ୍ଚ ଯୁଧିଷ୍ଠିର ବରିହା ଓ ଶିକ୍ଷକ ପୂର୍ଣ୍ଣ ନେଗୀ ତାଙ୍କୁ ସ୍ୱାଗତ କରିଥିଲେ। ମାଁ କରମସାନୀ ଗୃପ ସରେଇକେଲା କଲଙ୍ଗି ନାଚ ଓ ବାଦ୍ୟର ତାଳେ ତାଳେ ସଭାସ୍ଥଳକୁ ପାଛୋଟି ନେଇଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଲକ୍ଷ୍ୟ, ଉଦେଶ୍ୟ, କାର୍ଯ୍ୟକାରିତା, ଆଦିବାସୀ ଐତିହ୍ୟ, ସଂସ୍କୃତି, ଆଦିବାସୀଙ୍କ ଶିକ୍ଷା, ସାମଗ୍ରିକ ଉନ୍ନତି ବିଷୟରେ ଆଦିବାସୀଙ୍କ ଉନ୍ନତି ପାଇଁ ସବିଶେଷ ଆଲୋଚନା କରିଥିଲେ। ମାଁ କରମସାନୀ କଲଙ୍ଗି ନୃତ୍ୟ ଅନୁଷ୍ଠାନକୁ ପରମ୍ପରିକ ପୋଷାକ ଓ ବାଦ୍ୟ ସାମଗ୍ରୀ ପ୍ରଦାନ କରିବା ନେଇ ଘୋଷଣା କରିଥିଲେ। ନିରାକାର ପ୍ରଧାନ ସ୍ୱାଗତ ଅଭିଭାଷଣ ରଖିଥିଲେ । ଗ୍ରାମବାସୀ ସମେତ ଶତାଧିକ ଆଦିବାସୀ ଉପସ୍ଥିତ ଥିଲେ।



## ଶୀତଳଶଷ୍ଠୀ ପ୍ରସ୍ତୁତି ଓ ତାରକାସୁର ବରଣ

**ପଦ୍ମପୁର, ୪।୨ (ସମିସ):** ପଦ୍ମପୁର ଶୀତଳଷଷ୍ଠୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ତିନି ଦିନ ପରିବର୍ତ୍ତେ ପାଞ୍ଚ ଦିନ ମହୋତ୍ସବର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସଭାପତି ଭୋଜରାଜ ସିଂ ବରିହା ସୂଚନା ଦେଇଛନ୍ତି। ବୈଠକରେ ତାରକାସୁର ଏବଂ ପାତ୍ରମନ୍ତ୍ରୀ ବରଣ କରାଯାଇଥିଲା। ମହାରାଜ ତାରକାସୁର ରୂପେ ହୃଷିକେଶ ଭୋଇ, ମନ୍ତ୍ରୀ ସୁଦାମ ବିଶି, ସେନାପତି ହୃଷିକେଶ ମେହେର, ମହାମନ୍ତ୍ରୀ ନନ୍ଦିଘୋଷ ମହାପାତ୍ରଙ୍କୁ ବରଣ କରାଯାଇଛି। ପରିଚାଳନା କମିଟି ସଭାପତି ଭୋଜରାଜ ସିଂ ବରିହା, କାର୍ଯ୍ୟକାରୀ ସଭାପତି ହରିଶଙ୍କର ଅଗ୍ରୱାଲ, ସମ୍ପାଦକ ଅଚ୍ୟୁତାନନ୍ଦ ସେଠ, ସହସମ୍ପାଦକ ଦୀନେଶ ନାୟକ, ଅଶୋକ ଦାଶ, ଦେବରାଜ ସେଠ, କୋଷାଧକ୍ଷ ଆଶିଷ ବଂଶଳ, ସହକୋଷାଧକ୍ଷ ସୁଦାମ ଦାନୀ, ଶିରୀଶ ସାହୁ ଉପଦେଷ୍ଟା ଅଜିତ ପାତ୍ର, ବେଣୁମାଧବ ଦୋରା ସହ ପରିଚାଳନା କମିଟି ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



## ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନଙ୍କୁ ସମ୍ବର୍ଦ୍ଧନା

**ବରପାଲି,୪।୨ (ସମିସ):** ବରପାଲି ବ୍ଲକ ରେମତା ଭାରତୀ କଳା ପରିଷଦ ପକ୍ଷରୁ ବର୍ଷିଆନ ଶବ୍ଦ ନୃତ୍ୟଗୁରୁ ଭାଗବତ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭାରତ ସରକାରଙ୍କ ଦ୍ୱାରା ଗୁରୁ ଭାଗବତ ପଧାନଙ୍କୁ ପଦ୍ମଶ୍ରୀ ସମ୍ମାନରେ ଅଳଙ୍କୃତ କରାଯିବା ନିମନ୍ତେ ଧାର୍ଯ୍ୟ ହେଲାପରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଲୋକନୃତ୍ୟ ଗୁରୁ ଗାନ୍ଧୀ ବାରିକ ଅଧକ୍ଷତା କରିଥିଲେ। କୁମ୍ଭାରୀ ବ୍ରଜେଶ୍ୱରୀ ନୃତ୍ୟକଳା ପରିଷଦ ପ୍ରାଙ୍ଗଣରେ ଆୟୋଜିତ ସଭାରେ ଅତିଥି ଭାବରେ କଳାକାର ସନୁ ପଧାନ, ଶାନ୍ତନୁ ଦାଶ, କୁଶ ପଟେଲ, ଭରତ ପଟେଲ, ବିଦ୍ୟା ଥପା, ପାର୍ଥିବ ପଧାନ, ନିରାକାର ବୁଡେକ, ଗଙ୍ଗାଧର ପଧାନ, ସତ୍ୟବାନ ସାହୁ, ସଦାନନ୍ଦ ଛୁରିଆ, ଉତ୍ସବ ମଲ୍ଲିକ, ଶଙ୍କର ଭୋଇ, ନେପାଳ ସାହୁ, ରଞ୍ଜନ ଦେବତା, ବିଶିକେଶନ ପଟେଲ, ବିଶେଶ୍ୱର ଦାଶ, ଦିଲ୍ଲୀପ ଦାଶ, ଦଶରଥ ପଧାନ, ସମିତିସଭ୍ୟ ପ୍ରତିନିଧି ଦିବ୍ୟକିଶୋର ବେହେରା ଓ ପୂର୍ବତନ ସରପଞ୍ଚ ସୀତାରାମ ବୁଡେକ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ କଳାକାର ଉପସ୍ଥିତ ଥିଲେ।



### ଭାଷା ହିଁ ଭବିଷ୍ୟତ

# ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ





**ବରପାଲି/ଝାରବନ୍ଧ/ଭଟଲି, ୪।୨ (ସମିସ)**

ବରପାଲି ଗଙ୍ଗାଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ରବିବାର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଉତ୍ସବକୁ ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମହରା ଉଦଘାଟନ କରିଥିଲେ। ବିଆରଟି ମୁକୁନ୍ଦ ମେହେର ଓ ଶିକ୍ଷକ ସୋହନ ପଧାନ ସଂଯୋଜନା କରିଥିଲେ। ବରପାଲି ମହାବିଦ୍ୟାଳୟ ଅଧ୍ୟାପକ ଉତ୍ତର ଗଡତିଆ ଶିକ୍ଷଣୀୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବ୍ଲକ ସହକାରୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଦୁର୍ଯୋଧନ ସିଂଙ୍କ ତତ୍ତ୍ୱାବଧାନରେ କନିଷ୍ଠ ବର୍ଗ ଓ ବରିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ମାନ କରାଯାଇଥିଲା। ବରିଷ୍ଠ ବର୍ଗରେ ସୋଲୋ ଡ୍ୟାନ୍ସ, ଏକକ ଅଭିନୟ ପ୍ରତିଯୋଗିତା ମାନ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ଉଦଯାପନୀ ପର୍ବରେ ପ୍ରତି ବିଭାଗର ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ବରଗଡ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ କରାଯାଇଥିଲା। ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ମାନ ପ୍ରଦାନ କରାଯାଇଥିଲା। କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ଶ୍ରୀନିବାସ ସାହୁ, ରବିନାରାୟଣ ମହାପାତ୍ର, ସଞ୍ଜୟ ସାହୁ, କ୍ଷେତ୍ର ମେହେର, ଉତ୍ତମ ଦେହୁରୀ, ଅଶୋକ ଦାଶ, ସୁଦାମ ମେହେର, ସରୋଜ ଦାସ, ଅନୀଲ ଦାସ, ଲୁପାଞ୍ଜନ ବାରିକ, ମିଥୁନ ସାହୁ, ରାଜେନ୍ଦ୍ର ମେହେର, ନିମାଇଁ ଦାଶ, ବିନୟ ଭୋଇ ପ୍ରମୁଖ ସହାୟତା କରିଥିବା ବେଳେ ବ୍ଲକ ସହକାରୀ ଶିକ୍ଷାଧିକାରୀ ଦୁର୍ଯୋଧନ ସିଂ ଧନ୍ୟବାଦ ଜ୍ଞାପନ କରିଥିଲେ।




ଝାରବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ଓଡିଶାବାସୀଙ୍କ ମନରେ ଓଡ଼ିଆ ଭାଷା ପ୍ରତି ଜିଜ୍ଞାସା, ସମ୍ମାନ, ଜାଗ୍ରତ କରିବା ପାଇଁ ପ୍ରଥମ ଓଡ଼ିଆ ବିଶ୍ୱ ଭାଷା ସମ୍ମିଳନୀ-୨୦୨୪ 'ଭାଷା ହିଁ ଭବିଷ୍ୟତ' କାର୍ଯ୍ୟକ୍ରମ ପାଳନ କରାଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ ପତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ମୁଖ୍ୟଅତିଥି ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଶ୍ୟାମସୁନ୍ଦର ବେହେରା, ସମ୍ମାନିତ ଅତିଥି ଭାବରେ ଏବିଇଓ ଦୟାନିଧି କୈବର୍ତ୍ତ, ମହେନ୍ଦ୍ର ପ୍ରଧାନ, ବିଶିକେଶନ ଶତପଥୀ, ଦିବ୍ୟକିଶୋର ପଣ୍ଡା, ପ୍ରଧାନ ଶିକ୍ଷକ ଦୟାନିଧି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଝାରବନ୍ଧ ସିଆରସିସି ଗୋପାଳଚନ୍ଦ୍ର ହରିଜନ ମଞ୍ଚ ପରିଚାଳନା କରିଥିଲେ। ଏବିଇଓ ଦୟାନିଧି କୈବର୍ତ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ।

ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଇଓ ସରୋଜ ଭୁଏ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଗଜେନ୍ଦ୍ର ଦାଶ, ଦେବାନନ୍ଦ ବିଶି, କୃଷ୍ଣକେଦାର ସାହୁ, ଲାବଣ୍ୟବତୀ ସାହୁ ମଞ୍ଚାସୀନ ଥିଲେ। ପରେ ପ୍ରତିଯୋଗିତା ଓ ପ୍ରଦର୍ଶନୀର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୨-୨୩ ଶିକ୍ଷାବର୍ଷରେ ପ୍ରାଥମିକ ବୃତ୍ତି ପାଇଥିବା ୨୮ ଜଣ ଛାତ୍ରଛାତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ମନସୀ ପାତ୍ର ଓ ଶିକ୍ଷକ ଉପେନ୍ଦ୍ର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ସମେତ ଶିକ୍ଷକ ନେତ୍ରାନନ୍ଦ ମେହେର, ସଞ୍ଜୀବ ଷଡଙ୍ଗୀ, ପରେଶ ଭୋଇ, ଦିଲ୍ଲୀପଚନ୍ଦ୍ର ମହାପାତ୍ର, ଭୁବନ ମୋହନ ମହାନ୍ତି, ନିମାଇଁ ଚରଣ ପତି, ଶ୍ରବଣ ସାହୁ, ଢାଲେଶ୍ୱରୀ ପଟେଲ, ଓ ସମସ୍ତ ସିଆରସିସି ଓ କାର୍ଯ୍ୟାଳୟର ମିତ୍ରଭାନୁ ସାହୁ, ପ୍ରକାଶଚନ୍ଦ୍ର ସାହୁ, କ୍ରିଷ୍ଣା ଦାସ ସହଯୋଗ କରିଥିଲେ।

## ୧୯ ଖଣ୍ଡ ଉପାନ୍ତ ମୌଜାର ଦୀର୍ଘ ଦିନର ଦାବି ପୂରଣ

**ଲଖନପୁର, ୪।୨(ସମିସ):** ଲଖନପୁର ବ୍ଲକ ଉପାନ୍ତ ଅଞ୍ଚଳ ଭାବରେ ପରିଚିତ୧୯ ଖଣ୍ଡ ମୌଜା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଏହି ଅଞ୍ଚଳର ପ୍ରମୁଖ କନକତୋରା ଠାରୁ ଚିଖଲି କୋଡ଼ିଏ କିଲୋମିଟର ରାସ୍ତା ପ୍ରଶସ୍ତୀକରଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ବେଳେ ଆରମ୍ଭରୁ ଏହି ପ୍ରମୁଖ ରାସ୍ତାଟି ଜିଲ୍ଲା ଆରଡି ବିଭାଗ ଅଧୀନରେ ଥିଲା। ପରେ ରାଜ୍ୟ ସରକାର ଏହି ରାସ୍ତାକୁ ଜିଲ୍ଲା ପୂର୍ତ୍ତ ବିଭାଗ ହସ୍ତାନ୍ତର କଲା ପରେ ଏହି ପ୍ରମୁଖ ରାସ୍ତା ନିର୍ମାଣ ପାଇଁ ୩୩ କୋଟି ୬୪ ଲକ୍ଷ ୬୯ ହଜାର ୭୮୪ଟଙ୍କା ବ୍ୟୟ ବରାଦ କରିଛନ୍ତି ସରକାର। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ରାଉରକେଲାର ପ୍ରମୁଖ ଠିକା ସଂସ୍ଥା ସୁପରିଅର କନଷ୍ଟ୍ରକସନକୁ ମିଳିଥିବା ବେଳେ ଧାର୍ଯ୍ୟ ସମୟ ମଧ୍ୟରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସୂଚନା ମିଳିଛି। ଏହି ରାସ୍ତା ନିର୍ମାଣ ହେବା ପରେ ଏହି ଅଞ୍ଚଳବାସୀ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଉପାର୍ଜିତ ଦ୍ରବ୍ୟ ବିକ୍ରି କ୍ରୟ ସହିତ ନିତିଦିନିଆ ଗମନାଗମନରେ ସହାୟକ ହେବ ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ହାତୀ ଭାଙ୍ଗିଲା ଘର, ଉଜାଡିଲା ଫସଲ

ଦେବଗଡ଼, ୪।୨(ସମିସ)

ରିଆମାଳ ବ୍ଲକ କୁଣ୍ଢେଇଗୋଲା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଝରାବେରଣୀ ଗ୍ରାମରେ ଗତ ରାତିରେ ହାତୀ ଉପଦ୍ରବ ଯୋଗୁଁ ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଥିବା ଜଣା ପଡ଼ିଛି। ମିଳିଥିବା ସୂଚନା ଅନୁଯାଇ ଗତ ରାତିରେ ଝରାବେରିଣୀ ଗ୍ରାମରେ ଏକ ଦନ୍ତା। ହାତୀ ପଶି ଆସି ଗ୍ରାମର ମୋହନ ନାୟକ ଓ ଆରତୀ ନାୟକଙ୍କ ଘର କାନ୍ଥ ଭାଙ୍ଗି ଧାନ ଚାଉଳ ଖାଇଯିବା ସହ ତ୍ରିପାଠୀ ନାଏକ, ଟୁନା ପ୍ରଧାନ, ବିଷ୍ଣୁ ପାତ୍ର, ଝାରୀ ପ୍ରଧାନଙ୍କ ସମେତ ଅନେକଙ୍କ ବାଡ଼ିରେ ଥିବା କଦଳୀ ଓ ଆଳୁ ଫସଲ ମାଡି ଦଳି ନଷ୍ଟ କରିଥିବା ଜଣା ପଡ଼ିଛି। ଫଳରେ କ୍ଷତିଗସ୍ତ ପରିବାର ଚିନ୍ତାରେ ଥିବା ବେଳେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ଜଣା ପଡ଼ିଛି। ଅନ୍ୟ ପକ୍ଷରେ ଉକ୍ତ ଅଞ୍ଚଳରେ ଗତ କିଛି ଦିନ ଧରି ହାତୀଙ୍କ ଉପଦ୍ରବ ଲାଗି ରହିଥିବା ବେଳେ ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲେ ମଧ୍ୟ ହାତୀ ଘଉଡ଼ାଇବାରେ ବିଫଳ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



## ବିଷ ପିଇ ବୃଦ୍ଧାଙ୍କ ଆତ୍ମହତ୍ୟା

**ରିଆମାଳ, ୪।୨(ସମିସ):** ରିଆମାଳ ଥାନା ବୁଡ଼ିଦୋ ଗ୍ରାମ ନିକଟସ୍ଥ ଏକ ଖଳାଭାଡ଼ି ଠାରେ ରବିବାର ଜଣେ ବୃଦ୍ଧା ବିଷ ପିଇ ଆତ୍ମହତ୍ୟା କରିଥିବା ବେଳେ ପୁଲିସ୍ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତକ ହେଉଛନ୍ତି ବୁଡ଼ିଦୋ ଗ୍ରାମର ତ୍ରିବେଣୀ ବେହେରାଙ୍କ ସ୍ତ୍ରୀ ଦୌତ ବେହେରା (୬୨)। ଗତକାଲି ରାତିରୁ ଖାଇ ସାରି ସମସ୍ତେ ଶୋଇଥିଲେ। ଆଜି ସକାଳୁ ସ୍ୱାମୀ ତ୍ରିବେଣୀ ନିଜ ଖଳାକୁ



ପାଳ ନେବାକୁ ଆସି ତାଙ୍କ ସ୍ତ୍ରୀ ମରି ପଡ଼ିଥିବା ଦେଖିଥିଲେ। ନିକଟରେ ଏକ ବିଷ ବୋତଲ ପଡ଼ି ରହିଛି। ମୁଣ୍ଡ ଦୋଷ ଥିବାରୁ ସ୍ତ୍ରୀ ଏଭଳି ଆତ୍ମହତ୍ୟା କରିଥିବା ତ୍ରିବେଣୀ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଘଟଣାସ୍ଥଳରେ ରିଆମାଳ ଥାନା ଅଧିକାରିଣୀ ସରସ୍ୱତୀ ଟୁଡୁ ସଦଳବଳେ ପହଞ୍ଚି ତଦନ୍ତ କରିଥିଲେ। ଶବକୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଟ୍ରେନ୍‌ରୁ ଖସି ଜଣେ ମୃତ

**ଝାରସୁଗୁଡ଼ା, ୪।୨(ସମିସ):** ବେଲପାହାଡ଼ ରେଳ ଷ୍ଟେସନ ନିକଟସ୍ଥ ଗୌରପଡ଼ା ଠାରେ ଜଣେ ଯାତ୍ରୀ ଟ୍ରେନରୁ ଖସି ମୃତ୍ୟବରଣ କରିଥିବା ଜଣାପଡ଼ିଛି। ମୃତକ ଜଣକ ବିହାର ରାଜ୍ୟର ବୈଶାଳି ଜିଲ୍ଲା ଦେରିହା ଗ୍ରାମର ମନୋଜ ରାୟ (୪୦) ବୋଲି ଜଣାପଡ଼ିଛି। ମନୋଜ ରାୟପୁରରେ ଏକ ଘରୋଇ କମ୍ପାନୀରେ କାମ କରୁଥିବାବେଳେ କୌଣସି ଟ୍ରେନରେ ବିହାର ଯାଉଥିଲେ। ଶନିବାର ବିଳମ୍ବିତ ରାତିରେ ବିହାର ଯାଉଥିବାବେଳେ ଏହି ଅଘଟଣ ଘଟିଛି। ଏକ ମାଲଗାଡ଼ିର ଲୋକୋ ପାଇଲଟ ବେଲପା।ହାଡ଼ ଷ୍ଟେସନମାଷ୍ଟରଙ୍କୁ ରବିବାର ସକାଳେ ଜଣାଇବାରେ ଷ୍ଟେସନ ମାଷ୍ଟର ଝାରୁସୁଗୁଡ଼ା ଜିଆରପି ଥାନାକୁ ଜଣାଇଥିଲେ। ଘଟଣାସ୍ଥଳରେ ଜିଆରପି ପୁଲିସ ପହଞ୍ଚିବା ପରେ ମୃତକ ପକେଟରୁ ଏକ ମୋବାଇଲ ଫୋନ ମିଳିବାରୁ ତାଙ୍କ ପରିଚୟ ଜଣାପଡ଼ିଥିଲା। ମୃତକଙ୍କ ଶବକୁ ଜିଆରପି ପୁଲିସ ଜବତ କରି ଝାରସୁଗୁଡ଼ା ଶବ ଗୃହରେ ରଖିଛି। ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜିଆରପି ପୁଲିସ ଜଣାଇଛି।

## ଆଜିଠାରୁ ଆନ୍ତଃଜିଲ୍ଲା ସ୍କୁଲ କ୍ରିକେଟ୍

**ଦେବଗଡ଼, ୪।୨(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନର ନିଷ୍ପତ୍ତି କ୍ରମେ ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ୫ ତାରିଖରୁ ଆନ୍ତଃଜିଲ୍ଲା ସ୍କୁଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ହେବାକୁ ଥିବା ଏହି କ୍ରିକେଟ ପ୍ରତିଯୋଗିତାରେ ଜିଲ୍ଲାର ଆଠଟି ଦଳ ଭାଗ ନେଉଛନ୍ତି। ଦେବଗଡ଼ ସହରର ରାଜା ବାସୁଦେବ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦ୍ରୀୟ ବିଦ୍ୟାଳୟ ରିଆମାଳ ବ୍ଲକର ରିଆମାଳ ହାଇସ୍କୁଲ, ବୁଢ଼ାପାଳ ହାଇସ୍କୁଲ, ବାରକୋଟ ବ୍ଲକର ଆଦର୍ଶ ବିଦ୍ୟାଳୟ, କଣ୍ଢେଳ ହାଇସ୍କୁଲ ଏବଂ ତିଳେଇବଣି ବ୍ଲକର ଆଦର୍ଶ ବିଦ୍ୟାଳୟ ଏହି କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଜଣା ପଡ଼ିଛି। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଛାତ୍ରମାନେ ଅନ ଲାଇନରେ ରେଜିଷ୍ଟ୍ରେସନ କରିଥିବା ନେଇ ଜିଲ୍ଲା କ୍ରିକେଟ ସଙ୍ଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳ ଓସିଏ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାରେ ଦେବଗଡ଼ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବ ବୋଲି ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି।

## ଝାଡ଼ାବାନ୍ତି ଆକ୍ରାନ୍ତ ଆରୋଗ୍ୟ ହୋଇ ଫେରିଲେ ୧୨ ଛାତ୍ରୀ

**ଝାରସୁଗୁଡ଼ା, ୪।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ବଞ୍ଜାରୀ ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ୧୪ ଜଣ ଛାତ୍ରୀଙ୍କ ମଧ୍ୟରୁ ୧୨ ଜଣ ସୁସ୍ଥ ହୋଇ ଛାତ୍ରୀ ନିବାସକୁ ଫେରି ଆସିଛନ୍ତି। ତେବେ ଲଖନପୁରରେ ଚିକିତ୍ସିତ ସମସ୍ତ ୧୨ ଜଣ ଛାତ୍ରୀ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପରେ ରବିବାର ସେମାନଙ୍କୁ ଡ଼ିସଚାର୍ଜ କରାଯାଇଛି।

## ମହାଲକ୍ଷ୍ମୀ କମ୍ପାନୀରେ ନିଯୁକ୍ତି ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

**ଝାରସୁଗୁଡ଼ା, ୪।୨(ସମିସ):** ଏମିସିଏଲ ଲଖନପୁର ଖଣି କ୍ଷେତ୍ର ପକ୍ଷରୁ ପୂର୍ବରୁ ନିୟୋଜିତ ଭିପିଆର କମ୍ପାନୀର କାର୍ଯ୍ୟ କରିଥିବା ପୂର୍ବତନ



କର୍ମଚାରୀମାନଙ୍କୁ ବର୍ତ୍ତମାନ ନିୟୋଜିତ ମହାଲକ୍ଷ୍ମୀ ସାକାର କମ୍ପାନୀରେ ପୁନଃ ନିଯୁକ୍ତି ଦାବି ପ୍ରସଙ୍ଗକୁ ନେଇ ରବିବାର ଅପରାହ୍ନରେ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଆରମ୍ଭ କରିଛନ୍ତି। ପୂର୍ବରୁ ହୋଇଥିବା ତ୍ରିପାକ୍ଷିକ ଚୁକ୍ତି ଅନୁସାରେ ଧାର୍ଯ୍ୟ ସମୟରେ ମହାଲକ୍ଷ୍ମୀ ସାକାର କମ୍ପାନୀ ଏହି ଯୁବକମାନଙ୍କୁ ନିଯୁକ୍ତି ନଦେଇ ଦିନ ଗଡ଼ାଇବାରେ ଲାଗିଛି। ଫଳରେ ଶେଷରେ ଏହି ପୂର୍ବତନ କର୍ମଚାରୀମାନେ ନିଯୁକ୍ତି ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣ ଧାରଣା ଆରମ୍ଭ କରିଛନ୍ତି। ପୂର୍ବରୁ ମହାଲକ୍ଷ୍ମୀ ସାକାର କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦାବିକରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ପୂର୍ବତନ କର୍ମଚାରୀମାନେ ଅମରଣ ଅନଶନ କରିଥିଲେ। ସେତେବେଳେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଡ଼ିସେମ୍ବର ୨୦୨୩ ସୁଦ୍ଧା ସମସ୍ତଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ଫେବୃଆରୀ ପ୍ରଥମ ସପ୍ତାହ ଚାଲି ଗଲାପରେ ମଧ ଉକ୍ତ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବାକୁ କମ୍ପାନୀ ମଙ୍ଗୁ ନାହିଁ। ଏଣୁ ବାଧ ହୋଇ ଏହି ପୂର୍ବତନ ଶ୍ରମିକମାନେ ଗଣ ଧାରଣା ଆରମ୍ଭ କରିଛନ୍ତି।

## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ

**ଲଖନପୁର, ୪।୨ (ସମିସ):** ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକର ପିପିଲିମାଲ ଗ୍ରାମପଞ୍ଚାୟତ ଏବଂ ତେଲେନପାଲିଠାରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ର ପଞ୍ଚାୟତସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମ ଅବସରରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଲୋକମାନଙ୍କୁ ଓଡ଼ିଶା ସରକାରଙ୍କ ଯୋଜନା ବିଷୟରେ ବୁଝାଇଥିଲେ। ଏହି ଅବସରରେ ଲଖନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲ, ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ହୁତେଶ୍ୱରୀ ତିହିରିଆ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ବ୍ଲକ ଉପାଧ୍ୟକ୍ଷ ଅରୁଣ ପ୍ରଧାନ, ଜିଲ୍ଲା ପରିଷଦ ଜୋନ -୩ ସଭ୍ୟା ପୁଷ୍ପଲତା ସେଠ, ଲଖନପୁର ତହସିଲଦାର ସଦାକର କୁମ୍ଭାର, ପିପିଲିମାଲ ସରପଞ୍ଚ ରଙ୍ଗାଧର ଡିଲ୍ଲା, ବଞ୍ଜାରୀ ସରପଞ୍ଚ ସୀମା ସାହୁ, ତେଲେନପାଳି ସରପଞ୍ଚ ଆକାଶ ସାହୁ, ବନ୍ଧବାହାଲ ସରପଞ୍ଚ ଭାରତୀ ବେହେରା, ପଣ୍ଡରୀ ସରପଞ୍ଚ ସୁବାସିନି ସାହୁ, ସରଣ୍ଡାମାଲ ସରପଞ୍ଚ ଝରଣା ସେଠ, କୁମ୍ଭାରବନ୍ଧ ସମିତି ସଭ୍ୟ ରମାକାନ୍ତ ମିର୍ଦ୍ଧା, ପିପିଲିମାଲ ସମିତି ଦୀନବନ୍ଧୁ ବାରିକ, ସରୋଜ କୁମାର, ପ୍ରମୋଦ ଗଡ଼ତିଆ, ଶଙ୍କର ଖମାରୀ, ଡାକେଶ୍ୱର୍ ଖମାରୀ ତଥା ମିଶନ ଶକ୍ତିର ମାଆ ମାନେ ଉପସ୍ଥିତ ଥିଲେ। ସମସ୍ତ ୱାର୍ଡ ମେମ୍ବର, ଏମମିକେ, ସିଆରପି, ଜିପିଏଲଏଫ୍ ସଭ୍ୟ, ଆଶା ଓ ଅଙ୍ଗନବାଡ଼ି କର୍ମୀ ସହଯୋଗ କରିଥିଲେ।




## ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଲଖନପୁର, ୪।୨(ସମିସ):** ଲଖନପୁର ବ୍ଲକ ମଚିଦା ପଞ୍ଚାୟତ ସରକାରୀ ପ୍ରାଥମିକ



ବିଦ୍ୟାଳୟ ଦେଓପାଲି ପ୍ରଧାନଶିକ୍ଷକ ରାମଚନ୍ଦ୍ର ମେହେରଙ୍କୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ସହିତ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ବିଦାୟକାଳୀନ ସମର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରକାଳୀନ ସଭାରେ ଲଖନପୁର ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହୀରିଆ, ଜିଲ୍ଲା ପରିଷଦ ସଦସ୍ୟ ସନତ କୁମାର ସିଂ, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ବେହେରା, ଏଡିଓ ପ୍ରଦୀପ୍ତ ସା, ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ଯଶୋବନ୍ତ ସାହୁ, କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟାଳୟ ବରିଷ୍ଠ ଶିକ୍ଷକ ଗୋପୀନାଥ ସେଠ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସେମାନେ ଅବସର ନେଉଥିବା ଗୁରୁଙ୍କ ସ୍ମୃତିଚାରଣ କରିବା ସହିତ ଦୀର୍ଘାୟୁ କାମନା କରିଥିଲେ। ସଭା କାର୍ଯ୍ୟ ପରେ ଏକ ଭବ୍ୟ ଶୋଭାଯାତ୍ରାରେ ଦୁଲଦୁଲି ବାଦ୍ୟ ସହିତ ଏହା ଯନ୍ତ୍ର ଚାଳିତ ରଥରେ ଅବସର ଗ୍ରହଣ କରିଥିବା ଗୁରୁଙ୍କୁ ଗ୍ରାମବାସୀ ଗୁରୁଙ୍କ ଜନ୍ମ ଗାଁ ବାସସ୍ଥାନକୁ ସସମ୍ମାନ ସହିତ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ, ଛାତ୍ରଛାତ୍ରୀ, ଅଞ୍ଚଳର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଗୁରୁଙ୍କୁ ପୂଜା କରିବା ସହିତ ବିଭିନ୍ନ ଉପହାର ପ୍ରଦାନ କରିଥିଲେ।

## ଘର ବାହୁଡ଼ିଲେ ଯବାନ, ଜନ୍ମମାଟିରେ ଭବ୍ୟ ସ୍ୱାଗତ

**ବ୍ରଜରାଜନଗର, ୪।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଚାନ୍ଦିନୀମାଳ ପଞ୍ଚାୟତ ଅନ୍ତର୍ଗତ ବରପାଲି ଗ୍ରାମର ସ୍ୱର୍ଗତ ରାସବିହାରୀ ବିଶିଙ୍କ ସୁପୁତ୍ର ଭାରତୀୟ ସେନାରେ କାର୍ଯ୍ୟ କରୁଥିବା ଯବାନ କେଶବ ବିଶି ଅବସର ଗ୍ରହଣ କରି ନିଜ ଜନ୍ମମାଟିକୁ ବାହୁଡିଛନ୍ତି। କେଶବ ସେନା ବାହିନୀରେ ୨୦୦୦ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୪ ବର୍ଷ ଧରି କାର୍ଯ୍ୟରତ ରହି ଦେଶସେବା କରିଥିଲେ। ଚାକିରୀର ଶେଷ ସମୟରେ ସେ ଲକ୍ଷ୍ନୌ ସେଣ୍ଟ୍ରାଲ କମାଣ୍ଡରେ ଅତିବାହିତ କରି ଅବସର ଗ୍ରହଣ କରିଛନ୍ତି। ରବିବାର ଘରକୁ ଫେରିବା ସମୟରେ ତାଙ୍କୁ ଗାନ୍ଧି ଛକର ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଫୁଲମାଳ ପିନ୍ଧାଇ ଭାରତ ମାତାର ଜୟଗାନ ସହ ଯବାନଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା। ଦେଶର ସୁରକ୍ଷାରେ କେଶବଙ୍କ ଅବଦାନ ଅଞ୍ଚଳବାସୀଙ୍କ ପାଇଁ ଏକ ଗର୍ବ ଓ ଗୌରବ ବୋଲି ମତପ୍ରକାଶ ପାଇଛି।



## ‘ଜୀବନବିନ୍ଦୁ-ମୋ ପରିବାର’ ପକ୍ଷରୁ ରକ୍ତଦାନ ଶିବିର

**ଦେବଗଡ଼, ୪।୨, (ସମିସ):** ଦେବଗଡ଼ ଜିଲ୍ଲା ଜୀବନବିନ୍ଦୁ-ମୋ ପରିବାର ଏବଂ ବିଜୁ ଯୁବ ଜନତା ଦଳ ପକ୍ଷରୁ ରବିବାର ତିଳେଇବଣୀ ବ୍ଲକ



ଲଇମୁରାଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୀବନବିନ୍ଦୁ ଜିଲ୍ଲା ସଂଯୋଜକ ତଥା ରାଜ୍ୟ ବିଜେଡି ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଶିବିରରେ ମୋଟ ୪୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ଉଭୟ ପୁରୁଷ ଓ ମହିଳାମାନେ ସ୍ୱେଚ୍ଛାକୃତ ରକ୍ତ ଦାନ କରିଥିଲେ। ରେଡ଼କ୍ରସ ରକ୍ତଭଣ୍ଡାର ଅଧିକାରୀ ଓ କର୍ମଚାରୀମାନେ ଶିବିରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ବିଜେଡ଼ି ବ୍ଲକ ସଭାପତି ବାବୁଲାଲ ପୃଷେଠ, ଜିଲ୍ଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ଜିଲ୍ଲା ଯୁବ ସଭାପତି ପ୍ରତାପ ଦେବ, ସିମନ ପଟେଲ, ଅଖିଳ ପଟ୍ଟନାୟକ, ଅଜିତ ପରିଡ଼ା, ମାନସ ସାହୁ, ରୂପକ ମାଝୀ, ଶରତ ମେହେରଙ୍କ ସମେତ ବହୁ ଦଳୀୟ କର୍ମୀ ସକ୍ରିୟ ସହଯୋଗ କରିଥିଲେ।

## ପୂର୍ବତନ ଫୁଟ୍‌ବଲ ଖେଳାଳି ସୁବର୍ଣ୍ଣ କେଶରୀ ଗଙ୍ଗଦେବଙ୍କ ବିୟୋଗରେ ଶୋକସଭା

**ଦେବଗଡ଼, ୪।୨(ସମିସ):** ପୂର୍ବତନ ଫୁଟବଲ ଖେଳାଳି ସୁବର୍ଣ୍ଣ କେଶରୀ ଗଙ୍ଗଦେବଙ୍କ ବିୟୋଗରେ ରବିବାର ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ଭୁବନେଶ୍ୱର ପ୍ରଧାନ, ସମ୍ପାଦକ ଧିରେନ୍ଦ୍ର ନାଏକ, ସହ ସମ୍ପାଦକ ପ୍ରଦୀପ ଅମାତ, ଡିଲେଶ୍ୱର ପ୍ରଧାନ, କବାଡି ସମ୍ପାଦକ ସୁବାସ ଭୋଇ, ହକି ସମ୍ପାଦକ ଲୁଥାର ଟପ୍ପୋ, ଫୁଟବଲ ସମ୍ପାଦକ ପ୍ରଦୀପ ବେହେରା, କୋଷାଧ୍ୟକ୍ଷ ପ୍ରଭାତ ପ୍ରଧାନ, ଖୋଖୋ ସମ୍ପାଦକ ବିରଞ୍ଚି ନାରାୟଣ ଦାଶ, ପ୍ରଦୀପ ଛତ୍ରିଆ, କିଶୋର ବେହେରା, ରୁଦ୍ର ନାୟକଙ୍କ ସମେତ ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ରହି ସ୍ୱର୍ଗତ ଗଙ୍ଗଦେବଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ପ୍ରଧାନପାଟ କ୍ଲବ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ବିଭୂତି ଗଙ୍ଗଦେବ, ମହମ୍ମଦ ନାସିର ଖାନ, ଉପନଗରପାଳ ପ୍ରଜିତ ଭୋଜ, ଏସଡିସିସି ବ୍ୟାଙ୍କର ପୂର୍ବ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, କ୍ଲବର ସଭାପତି ସୁବାସ ଚନ୍ଦ୍ର ଭୋଇ, କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର ନାଏକ, ସଞ୍ଜୀବ ନାଏକ, ସଞ୍ଜୀବ ବେହେରା, ପ୍ରଫୁଲ୍ଲ ବେହେରା, ପ୍ରଦୀପ ବେହେରା, ଧନେଶ୍ୱର ମହାପାତ୍ର, ଦୀପକ ଦାସ, ସୀମାଞ୍ଚଳ ଦ୍ୱିବେଦୀ, ପ୍ରତାପ ନାଏକଙ୍କ ସମେତ ବୁଦ୍ଧିଜୀବୀ ଏବଂ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ଗଙ୍ଗଦେବଙ୍କୁ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



### ୩ୟ ସନ୍ଧ୍ୟାରେ ବେଲପାହାଡ଼ ଉତ୍ସବ ‘ମଚାନ୍’

## ଦର୍ଶକଙ୍କ ମନମୋହିଲା ସମ୍ବଲପୁରୀ ଲୋକନୃତ୍ୟ

ଝାରସୁଗୁଡ଼ା, ୪।୨(ସମିସ)

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ସମଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆସ୍ଥିତ ରତ୍ନ ମଣ୍ଡପଠାରେ ଚାଲିଥିବା ବେଲପାହାଡ଼ ଉତ୍ସବ୍ ‘ମଚାନ୍’ ରବିବାର ୩ୟ ଦିନରେ ପହଞ୍ଚିଛି। ଆମନ୍ତ୍ରିତ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟରୁ ସ୍ଥାନୀୟ ବିଦ୍ୟାଳୟର ସମ୍ବଲପୁରୀ ଲୋକନୃତ୍ୟ, ଯାଜପୁରର ଲଉଡ଼ି ନୃତ୍ୟ, ବେବି ଓ ସାଥୀ କଳାକାରଙ୍କ ପକ୍ଷରୁ କମେଡି ସୋ ଆଦି ଦର୍ଶକଙ୍କ ବେଶ ଆକର୍ଷଣୀୟ ହୋଇଥିଲା। ଗ୍ରାମଶ୍ରୀ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଶହ ଶହ ଦର୍ଶକଙ୍କ ସମାଗମ ହୋଇଥିଲା। ଏହା ସହ ସ୍ଥାନୀୟ ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀଙ୍କ ପ୍ରଦର୍ଶିତ ନୃତ୍ୟ ବେଶ ମନଛୁଆଁ ହୋଇଥିଲା। ବେଲପାହାଡ଼ ଉତ୍ସବ୍ ମଚାନ୍ କମିଟିର ସଭାପତି ଦେବୀପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଟିଆରଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଡ଼ା. ସନ୍ତୋଷ ମିଶ୍ର, ଜିଲ୍ଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ରାଜେଶ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଦୀପ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାଧାରଣ ସମ୍ପାଦକ ପ୍ରମୋଦ ସେନାପତି, ମୋତିରାମ ମେହେର, ଶ୍ରୀକର ଭୋଇ, ଭାସ୍କର ପଟେଲ, ରାଜେଶ ପଶାୟତ, ହେମସାଗର ପଟ୍ଟନାୟକ, ଆଶିଷ ମେହେର, ମନୋଜ ପଟେଲ, ବର୍ଷା ମେହେର, ସିଲ୍କି ରଥ ପ୍ରମୁଖ ସହଯୋଗ କରିଥିଲେ।



### ବାଳିକା ହକି ଆନ୍ତଃଜିଲ୍ଲା ପ୍ରତିଯୋଗିତା

## ଝାରସୁଗୁଡ଼ାକୁ ହରାଇ ସମ୍ବଲପୁର ବିଜୟୀ

**ଝାରସୁଗୁଡ଼ା, ୪।୨(ସମିସ):** ‘ନୂଆ-ଓ’ ନବୀନ ଓଡ଼ିଶା ରାଜ୍ୟସ୍ତରୀୟ ବାଳିକା ହକି ଚାମ୍ପିଅନସିପ୍‌ର ୩ୟ ଦିବସରେ ରାଉଲକେଲା ପାନପୋଷ ଷ୍ଟାଡିୟମରେ ଝାରସୁଗୁଡା ହକି ଦଳ ସମ୍ବଲପୁର ସହିତ ୩ୟ ମ୍ୟାଚ ଖେଳିଥିଲେ। ଖେଳ ଆରମ୍ଭରୁ ଝାରସୁଗୁଡା ପ୍ରଭାବ ବିସ୍ତାର କରି ଖେଳିଥିଲା। ପ୍ରଥମ ଭାଗର ୧୦ ମିନିଟରେ ପେନାଲ୍ଟିକ କର୍ଣ୍ଣର ସୁଯୋଗ ପାଇ ସିମରନ କୁଜୁର ଗୋଲରେ ପରିଣିତ କରି ଦଳକୁ ଆଗୁଆ କରିଥିଲେ। ସମ୍ବଲପୁର ଗୋଲଟି ପରିଶୋଧ କରିଥିଲେ। ଝାରସୁଗୁଡା ଦଳ ଗୋଲ ଦେବା ପାଇଁ ବହୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ପାରିନଥିଲେ। ୨ୟ ଭାଗ ଖେଳର ଚତୁର୍ଥ କ୍ୱାର୍ଟର ଶେଷ ମିନିଟରେ ସମ୍ବଲପୁର ଦଳ ଏକ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ବିନା କୋଚରେ ଝାରସୁଗୁଡା ବାଳିକା ମାନଙ୍କର ଖେଳକୁ ଦେଖି ଦର୍ଶକ ମାନେ ପ୍ରଶଂସା କରିଛନ୍ତି। ଦଳର କ୍ୟାପଟେନ ରାଜେଶ୍ୱରୀ ନାୟକ କହନ୍ତି ଯେ ସମ୍ବଲପୁର ଝିଅ ମାନେ ସ୍ପୋର୍ଟସ ହଷ୍ଟେଲର ଅଧିକାଂଶ ଅଛନ୍ତି। ଅଷ୍ଟ୍ରେଟୋର୍ଫ ପଡ଼ିଆରେ ଖେଳୁଛନ୍ତି। କିନ୍ତୁ ଆମ ଜିଲ୍ଲାରେ ସେ ସୁବିଧା ଏପର୍ଯ୍ୟନ୍ତ ହୋଇ ପାରିନାହିଁ। ଆମକୁ ସମସ୍ତ ସୁବିଧା ମିଳିରେ ଆମେ ନିଶ୍ଚୟ ଭଲ ପ୍ରଦର୍ଶନ କରିବୁ। ସେଠାରେ ଉପସ୍ଥିତ ଥିବା ପୁରାତନ ଓଡ଼ିଶା ଦଳର ଖେଳାଳି ବରିଷ୍ଠ ଖେଳ ପରିଚାଳକ ତଥା କୋଚ ଏମା ଏକ୍କା କହନ୍ତି ନୂତନ ଭାବରେ ଗଢି ଉଠିଥିବା ଝାରସୁଗୁଡା ବାଳିକା ହକି ଦଳ ଏପରି ସୁନ୍ଦର ଖେଳ ପ୍ରର୍ଦଶନ କରିବେ କଦାପି ଆଶା କରି ନଥିଲି।

# ସମଲେଶ୍ୱରୀ ଦର୍ଶନ ପାଇଁ ଆଜି ଆସିବେ ବିଭିନ୍ନ ଜିଲ୍ଲାରୁ ଭକ୍ତ

**ସମ୍ବଲପୁର, ୪।୨(ସମିସ)**

ମା ସମଲେଇଙ୍କ ପ୍ରକଳ୍ପ ପରିକ୍ରମା ଉଦଘାଟନ ପରେ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଆହୁରି ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ଠାରୁ ମା ସମଲେଇଙ୍କ ଦର୍ଶନ ନିମନ୍ତେ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଆସୁଥିବା ଭକ୍ତଙ୍କ ପାଇଁ ଉତ୍ତମ ପ୍ରସ୍ତୁତି କରିବାପାଇଁ ଆଜି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମଣ୍ଡଳିଆ ପଡ଼ିଆରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭକ୍ତ ପହଞ୍ଚିବା ଠାରୁ ଫେରିବା ପର୍ଯ୍ୟନ୍ତ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥାକୁ ସୁଚାରୁରୂପେ ତୁଲେଇବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯେ, ଆସନ୍ତା କାଲି ବଲାଙ୍ଗୀର ଜିଲ୍ଲାର ଲୋଇସିଂହା, ଝାରସୁଗୁଡ଼ା, ନୂଆପଡ଼ା ଜିଲ୍ଲାର ଖରିଆର ଏବଂ ବରଗଡ଼ ଜିଲ୍ଲାର ଅତାବିରା ନିର୍ବାଚନ ମଣ୍ଡଳିର ଭକ୍ତମାନେ ଆସି ମାଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୬ ଫେବୃଆରୀରେ ସୋନପୁର ଜିଲ୍ଲାର ବୀରମହାରାଜପୁର ନିର୍ବାଚନ ମଣ୍ଡଳି ବଲାଙ୍ଗୀର ଜିଲ୍ଲାର ବଲାଙ୍ଗୀର, ସୁନ୍ଦରଗଡ଼ର ତଳସରା ଏବଂ ବୀରମିତ୍ରପୁର, ୭ ଫେବୃଆରୀରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା, ବରଗଡ଼ର ପଦ୍ମପୁର, ସୁନ୍ଦରଗଡ଼ର ରାଜଗାଙ୍ଗପୁର ଏବଂ ବୌଦ୍ଧର କଣ୍ଟାମାଳ ନିର୍ବାଚନ ମଣ୍ଡଳିର ଭକ୍ତ ଦର୍ଶନ କରିବେ। ୮ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାର ବଣାଇ, ବରଗଡ଼ର ଭଟଲି, ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜି ଏବଂ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼। ୯ ତାରିଖରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ରେଢ଼ାଖୋଲ, ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ। ୧୦ ତାରିଖରେ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ଦେବଗଡ଼ ଏବଂ ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା। ୧୧ ତାରିଖ ଦିନ ବରଗଡ଼ ଜିଲ୍ଲାର ବିଜେପୁର, ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର, କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ଏବଂ ନର୍ଲା ନିର୍ବାଚନ ମଣ୍ଡଳି। ୧୨ ତାରିଖ ଦିନ ବରଗଡ଼ ଜିଲ୍ଲାର ବରଗଡ଼, ବଲାଙ୍ଗୀର ଜିଲ୍ଲାର ଟିଟଲାଗଡ଼, ନୂଆପଡ଼ା ଜିଲ୍ଲାର ନୂଆପଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାର ରଘୁନାଥପାଲି। ୧୩ ତାରିଖ ଦିନ ବୌଦ୍ଧ, ସୋନପୁର, କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଏବଂ ସମ୍ବଲପୁର ଜିଲ୍ଲାର ସମ୍ବଲପୁର ଏବଂ ୧୪ ତାରିଖ ଦିନ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼, ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ଓ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳିର ଭକ୍ତ ଦର୍ଶନ କରିବାର ସୌଭାଗ୍ୟଲାଭ କରିବେ। ଆଜିର ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲାର ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ମନ୍ଦିର ଟ୍ରଷ୍ଟ ବୋର୍ଡର ପ୍ରେସିଡେଣ୍ଟ ସଞ୍ଜୟ ବାବୁ, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ସଦର ତହସିଲଦାର ମନୋଜ ପ୍ରଭାକର କୁଜୁର, କ୍ରୀଡ଼ା ବିଭାଗର ଓଏସଡି ସୁଶାନ୍ତ ସାହୁ, ଏଲ.ଏ.ଓ ଆଦିତ୍ୟ ପଣ୍ଡା, ମେଡିକାଲର ପ୍ରଶାସନିକ ଅଧିକାରୀ ନୀଳାମ୍ବର ମହାନନ୍ଦ, ସମେତ ବିଦ୍ୟୁତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଭକ୍ତଙ୍କ ସୁବିଧା ଲାଗି ପ୍ରସ୍ତୁତି ବୈଠକ

# 'ପଦ୍ମଶ୍ରୀ ସାଧୁ ମେହେରଙ୍କ ଅଭିନୟ କାଳଜୟୀ'

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ସୋନପୁର, ୪।୨ (ସମିସ):** ପଦ୍ମଶ୍ରୀ ସାଧୁ ମେହେର ସିନେମାର ଯେ କୌଣସି ଚରିତ୍ରକୁ ତାଙ୍କ ଅଭିନୟରେ ନିଖୁଣ ଭାବେ ଫୁଟାଇ ପାରୁଥିଲେ। ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ଡଃ ସାଧୁ ମେହେରଙ୍କ ଅଭିନୟ କାଳଜୟୀ ବୋଲି ମହାରାଜା ହାଇସ୍କୁଲ ପରିସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଦିବଂଗତ ଆତ୍ମାର ସଦଗତି ପାଇଁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ଇଚ୍ଛାଶକ୍ତି ଜଣେ ମଣିଷକୁ ଉନ୍ନତିର ଶୀର୍ଷ ସୋପାନକୁ ନେଇ ଯାଇପାରେ ତାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସାଧୁ ମେହେର। ପାଖାପାଖି ୫୦ଟି ହିନ୍ଦୀ ଚଳଚିତ୍ର, ୮୦ ଦଶକରେ ଓଡ଼ିଆ ସିନେମା ନିର୍ଦ୍ଦେଶନାର ମଙ୍ଗୁଆଳ ସାଜି ଓଡ଼ିଆ




ଅତିଥିଗଣ କହିଛନ୍ତି। ମହାନଦୀ ସାହିତ୍ୟ ସଂସଦ ସହ ପଏଁରୀ, ଭୀମଭୋଇ କଳା ପରିଷଦ, ଗୋପାଳଜୀ ଯୋଗାଲୟ, ଇଙ୍କ୍ ଫେଷ୍ଟ, ବାପୁଜୀ କ୍ଲବ, ଟ୍ରେଣ୍ଡି ଏକାଡେମୀ, ନାଟ୍ୟଚକ୍ର, ନାଟ୍, ସଂସ୍କାର ଭାରତୀ ଏବଂ ଦିଲ୍ଲୀ ଜୁହାର ପରିବାର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସୋନପୁର ଜିଲ୍ଲାପାଳ ଅନ୍ୟା ଦାସ ଯୋଗଦେଇ ପରଲୋକଗତ ଅଭିନେତାଙ୍କ ସ୍ମୃତିଚାରଣ କରିଥିଲେ। ମହାନଦୀ ସାହିତ୍ୟ ସଂସଦର ସଭାପତି ଶ୍ୟାମାଓଁ ପ୍ରସାଦ ମିଶ୍ର, ସମ୍ପାଦକ ସୌରଭ ରଞ୍ଜନ ଖମାରୀ, କବି ଆର୍ତ୍ତତ୍ରାଣ ବାବୁ, ସଂସ୍କୃତି ଗବେଷକ ଗୋରେଖନାଥ ସାହୁ, ରାଜନେତା ଅଭିମନ୍ୟୁ କୁଶଳ ମଞ୍ଚାସୀନ ଥିଲେ। ସହରର ଶତାଧିକ ବୁଦ୍ଧିଜୀବୀ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ରାମଜୀ ନଗରସ୍ଥିତ ମାରୁତି ଉଦ୍ୟାନରେ ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କ ସିନେମାକୁ ଏକ ନୂତନ ଦିଗ ପ୍ରଦର୍ଶନ ସହ ପ୍ରଥମ ସମ୍ବଲପୁରୀ ସିନେମା ଭୁଖାରେ ତାଙ୍କର ଜୀବନ୍ତ ଅଭିନୟ ତାଙ୍କୁ ସବୁବେଳେ ଅମର କରି ରଖିବ ବୋଲି ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ନାଟ ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ଉପଦେଷ୍ଟା ଭାବେ ଦୀର୍ଘ ଦିନ ଧରି ସେ ମାର୍ଗଦର୍ଶନ କରଛନ୍ତି। ସାମାଜିକ କର୍ମୀ ଗୌରୀଶ୍ୟାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାଟର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ସାହୁ, ସଂସ୍କୃତି ସଂପାଦକ ଅବିନାଶ ହୋତା, ସମାଜସେବା ସଂପାଦକ ସଞ୍ଜୟ ପଣ୍ଡା, ସମାଜସେବା କୋର୍ କମିଟିର କାର୍ଯ୍ୟକାରୀ ଆବାହିକା ପ୍ରଜ୍ଞା ପରିମିତା ଦାଶ, ଲକ୍ଷ୍ମୀନାରାୟଣ ସାହୁ, ରାଜ ମିଶ୍ର, ବିଶ୍ୱଜିତ ମହାପାତ୍ର, ପ୍ରଦୀପ ମେହେର, ସରିତା ବଣିଆଁ, ନନ୍ଦିନୀ ମହାଣା ଉପସ୍ଥିତ ଥିଲେ। ସାଧାରଣ ସଂପାଦକ ବନମାଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିସିଏ ଓ ବିବିଏ ପ୍ରଥମ ସେମିଷ୍ଟର ପରୀକ୍ଷାଫଳ ପ୍ରକାଶ

**ବଲାଙ୍ଗିର, ୪।୨ (ସମିସ):** ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବୈଷୟିକ ଶିକ୍ଷା ବିସିଏ ଓ ବିବିଏର ପ୍ରଥମ ସେମିଷ୍ଟରର ଫଳାଫଳ ପରିପ୍ରକାଶ ପାଇଛି। ଯୁବୋଦୟ କଲେଜ ଅଫ ଆଡଭାନସ୍ ଟେକ୍ନୋଲୋଜି ଶତ ପ୍ରତିଶତ ଫଳାଫଳ ଦେଇଛି। ବିବିଏ ପାଠ୍ୟକ୍ରମରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ପ୍ରାପ୍ତ କରିଛନ୍ତି ଯୁବୋଦୟ କଲେଜ ଅଫ ଆଡଭାନସ୍ ଟେକ୍ନୋଲୋଜିର ନେହା ମେହେର (୮.୮୨)। ଦ୍ୱିତୀୟରେ ଆସିଛନ୍ତି ଯୁବୋଦୟ କଲେଜ ଅଫ ଆଡଭାନସ୍ ଟେକ୍ନୋଲୋଜି ଜୟପ୍ରକାଶ ବେହେରା। ତୃତୀୟରେ ଆସିଛନ୍ତି ଯୁବୋଦୟ କଲେଜ ଅଫ ଆଡଭାନସ୍ ଟେକ୍ନୋଲୋଜି ମିଳନ ପଟେଲ। ସେହିଭଳି ବିସିଏ ପାଠ୍ୟକ୍ରମରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ମିଳିତ ଭାବରେ ତିନିଜଣ ଯୁବୋଦୟ କଲେଜ ଅଫ ଆଡଭାନସ୍ ଟେକ୍ନୋଲୋଜିର ପ୍ରଥମ ସ୍ଥାନ ପ୍ରାପ୍ତ କରିଛନ୍ତି, ଜ୍ୟୋତି ଗୋସ୍ୱାମୀ(୮.୫୦), ଅନନ୍ୟା ପଟ୍ଟନାୟକ (୮.୫୦)ଓ ଅନିଶା ରଣା(୮.୫୦) । ପୃଥ୍ୱୀରାଜ ପଧାନ ଓ ପ୍ରକାଶଚନ୍ଦ୍ର ବରଗର୍ତ୍ତୀ କ୍ରମାଗତ ଭାବେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ପ୍ରାପ୍ତ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ଓ ଯୁବୋଦୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦାସ ପିଲାମାନଙ୍କର ଉତ୍କୃଷ୍ଟ ଭବିଷ୍ୟତ ପାଇଁ ଆଶାୟୀ ଓ ସେମାନଙ୍କୁ ଆଗାମୀ ପରୀକ୍ଷା ମାନଙ୍କପାଇଁ ଶୁଭେଚ୍ଛା ପ୍ରକାଶ କରିଛନ୍ତି।

# ଯୁବ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ପଲଶାଗୋରା, ୪।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ହାଇସ୍କୁଲର ଗଣିତ ଶିକ୍ଷକ ସତ୍ୟଜିତ ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ମିଳିଛି। ପଲଶାଗୋରା ପଞ୍ଚାୟତ ପରା ଗ୍ରାମର ଯୁବ ଶିକ୍ଷକ ସତ୍ୟଜିତ ପଣ୍ଡା କଣ୍ଟାମାଳ ହାଇସ୍କୁଲରେ ଗଣିତ ଶିକ୍ଷକ ଭାବେ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ଜିଲ୍ଲାର ଶ୍ରେଷ୍ଠ ଗଣିତ ଶିକ୍ଷକ ଭାବେ ପୁରସ୍କାର ପାଇବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଦାଦନ ଯାଇ ଶ୍ରମିକ ମୃତ

# ନାବାଳିକା ଝିଅକୁ ଅଟକ ରଖିଛି ସର୍ଦ୍ଦାର

**ବେଲପଡା, ୪।୨(ସମିସ):** ଘରେ ପଡ଼ିଛି ବାପାର ମୃତଦେହ। ବାହୁନି ବାହୁନି ହୋଇ କାନ୍ଦୁଛନ୍ତି ସ୍ତ୍ରୀ ଓ ସାହି ପଡିଶା; ହେଲେ ନାବାଳିକା ଝିଅକୁ ବନ୍ଧା ରଖିଛି ଦାଦନ ସର୍ଦାର। ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ୍ ସୁଲେକେଲା ଗାଁର କାହ୍ନୁ ମଲିକ ଦୁଇ ମାସ ତଳେ ୪ ଜଣଙ୍କ ସହ ଆନ୍ଧ୍ରପ୍ରଦେଶର ସାତନଗର ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଅସୁସ୍ଥ ଅନୁଭବ କରିଥିଲେ କାହ୍ନୁ। ଦାଦନ ସର୍ଦାର ବାରମ୍ବାର ଶ୍ରମିକ ପରିବାରକୁ ନିର୍ଯାତନା ଦେଉଥିଲା। ପରେ ରୋଗୀଣା ସ୍ୱାମୀକୁ ଗାଁକୁ ପଠାଇ ଦେଇଥିଲା ଦାଦନ ସର୍ଦାର। ସ୍ୱାମୀ, ସ୍ତ୍ରୀ ଓ ଦୃଷ୍ଟିବାଧିତ ଝିଅକୁ ଗାଁ କୁ ପଠାଇ ଦେଇ





୧୧ ବର୍ଷର ନାବାଳିକା ଝିଅକୁ ଅଟକ ରଖିଛି ସର୍ଦାର। ଏପଟେ ସ୍ୱାମୀ କାହ୍ନୁଙ୍କ ମୃତ୍ୟୁ ହୋଇଥିବା ବେଳେ ପରିବାର ଲୋକ ନିଜ ଜମିକୁ ବନ୍ଧକ ରଖି ଦାଦନ ସର୍ଦାରକୁ ୫୦ ହଜାର ଟଙ୍କା ପଠାଇଛନ୍ତି; ତଥାପି ଝିଅକୁ ଛାଡ଼ୁନାହାନ୍ତି। ପରିବାର ଏବଂ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଏବେ ଚିନ୍ତାରେ ପଡିଛନ୍ତି। ବେଲପଡା ତହସିଲଦାର ବନବିହାରୀ ହରପାଳ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେଇଛନ୍ତି। ବେଲପଡା ଥାନାଧିକାରୀ ସୁଶାନ୍ତ ପଧାନ ମଧ୍ୟ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ରାମଚନ୍ଦ୍ରପୁରରେ ରାତିରେ ଧାନ ଅନଲୋଡ଼ିଂ; ଉତ୍ତେଜନା

**ଦେଓଗାଁ, ୪।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ କୃଷିସେବା ସମବାୟ ସମିତିରେ ରବିବାର ରାତି ପ୍ରାୟ ୭ଟା ସମୟରେ ୩ଟି ମେକ୍ସପିକଅପ



ଗାଡିରୁ ଧାନ ଅନଲୋଡିଂ କରିବାକୁ ନେଇ ସ୍ଥାନୀୟ ଚାଷୀ ମହଲରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ କିଛି ଚାଷୀ ପାକ୍ସକୁ ଆସି ଧାନ କେଉଁଠୁ ଆସିଲା ବୋଲି ପ୍ରଶ୍ନ କରିବା ସହ ରବିବାର ରାତିରେ ପାକ୍ସ କାହିଁକି ଖୋଲାଯାଇଛି ବୋଲି ପ୍ରଶ୍ନ କରିଥିଲେ। ହେଲେ କର୍ମଚାରୀମାନେ ଏହାର କୌଣସୀ ଉତ୍ତର ନଦେବାରୁ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଥିଲା। ସମ୍ପୃକ୍ତ ଘଟଣାର ଭିଡିଓ କରି ଭାଇରାଲ କରିବାସହ ଏନେଇ ବିଭାଗୀୟ ତଦନ୍ତ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏଆରସିଏସ ରାଧାକୃଷ୍ଣ ମେହେରଙ୍କୁ ପଚାରିବାରୁ ସୋମବାର ବିଭାଗୀୟ ତଦନ୍ତ କରାଯିବ ବୋଲି କହିଛନ୍ତି।

# ଟ୍ରକ ଦୁର୍ଘଟଣାଗ୍ରସ୍ତ, ବାଳକ ଗୁରୁତର

**କଲମପୁର, ୪।୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅଧିନସ୍ଥ ଦେପୁର ଗ୍ରାମ ବୁଲାଣୀ ନିକଟରେ ରବିବାର ସନ୍ଧ୍ୟାରେ ଏକ ଦ୍ରୁତଗାମୀ ଟ୍ରକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସିଜି୦୪ ଜେଡସି-୫୦୧୩ ଟ୍ରକ କଲମପୁର ପଟରୁ ଜୁନାଗଡ଼ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଫଳରେ ଜଣେ ବାଳକ ଆହତ ହୋଇଛି। ଗୁରୁତର ବାଳକ ଜଣଙ୍କ ହେଲେ ଚାରୁଚନ୍ଦ୍ର ବାଣୁଆଙ୍କ ପୁତ୍ର ଜିଗ୍ନେଶ ବାଣୁଆ। ଟ୍ରକ ଚାଳକ ବିଜୟ ଚଲାନ ଜୁନାଗଡ଼ ବ୍ଲକ ମୁଣ୍ଡାଗୁଡା ଗ୍ରାମର ବୋଲି ଜଣାପଡ଼ିଛି। ଗୁରୁତର ବାଳକଙ୍କୁ ଜିଲ୍ଲା ମୁଖ୍ୟା ଚିକିତ୍ସାଳୟ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି।



ବଲାଙ୍ଗିର ଜିଲ୍ଲା ସକମାସ୍ଥିତ ଯୁବୋଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ବନ୍ଦନା

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପ୍ରତିଯୋଗିତା

**କଣ୍ଟାମାଳ/ତରଭା, ୪।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ପଞ୍ଚାୟତ କଲେଜରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଦ୍ୱିତୀୟ ଦିବସରେ ଓଡ଼ିଆ ଗୀତ, ଲୋକନୃତ୍ୟ, ଓଡ଼ିଆ ବ୍ୟାକରଣ ଓ ଓଡ଼ିଆ ହସ୍ତାକ୍ଷର ପ୍ରତିଯୋଗିତା ଅଧକ୍ଷା ତଥା ମୁଖ୍ୟ ନୋଡାଲ ଅଧିକାରୀ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଜଗନ୍ନାଥ ସଂସ୍କୃତି ଆଧାରିତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବର ଦୁର୍ଗାଚରଣ ପ୍ରଧାନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସେହିପରି ସୁବର୍ଣ୍ଣପୁର ଜିଲ୍ଲା ତରଭା ବାଳକ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପାଳନ ଅବସରରେ ଓଡିଆ ଭାଷା,ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ତରଭା ବିଡିଓ ନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ରଥ, ସମ୍ମାନିତ ଅତିଥି ରୂପେ ଏବିଇଓ ସତ୍ୟନାରାୟଣ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ନମ୍ରତା ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ ପୂର୍ଣ୍ଣିମା ମହାନନ୍ଦ ମନ୍ତ୍ରପାଠ କରିଥିଲେ। ଶିକ୍ଷକ ସନ୍ତୋଷ ଦାଶ ଓ ନୀଳକଣ୍ଠ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ଧନ୍ୟବାଦ ଦେଇଥିଲେ। ବ୍ଲକର ସମସ୍ତ କ୍ଲଷ୍ଟରରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକ ଭାବେ ସିଆରସିସି.






ପ୍ରଭାସିନୀ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଚାରକ ଭାବରେ ପ୍ରାଣକୃଷ୍ଣ ଦାସ, ବିରେନ୍ ଜଗଦଲା, ସମ୍ପଦ ଭୁକ୍ତା ଯୋଗଦାନ କରିଥିଲେ। ତୃତୀୟ ଦିବସରେ ଓଡ଼ିଆ କଳା, ସଂସ୍କୃତି ଇତିହାସ, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭବାନୀ ଶଙ୍କର ରାଉତ ମୁଖ୍ୟବକ୍ତା, ସୁଦାମ ନାୟକ ଓ ବୈଜୟନ୍ତୀ ସାହୁ ଯୋଗଦାନ କରିଥିଲେ। ଉଦଯାପନୀ ଦିବସରେ ବିଭିନ୍ନ ପ୍ରତିଯୋଗିତାରେ ... ସଂଜୀବ ସେଠୀ, ରମେଶ ବାଗ, ସୁନୀଲ ସୁନା, ଭରତ ମଲ୍ଲିକ, ରୋହିତ କୁଅଁର, ସାରଙ୍ଗ ପଧାନ, ଦେବାଶିଷ ଗଡତ୍ୟା, ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ସୁଶାନ୍ତ ମେହେର, ସରୋଜ ସାହୁ ଯୋଗଦାନ କରିଥିଲେ। ସୋମବାର ପ୍ରତି ବିଭାଗରୁ କୃତୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ଶିକ୍ଷକ ଦାଶରଥୀ ସେଠ, ଜ୍ୟୋତି ପ୍ରକାଶ ସାହୁ, ହିସାବ ରକ୍ଷକ ସଂଜୀବ ସା, ସୁଧୀର ମିଶ୍ରଙ୍କ ସମେତ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବିଜେପୁରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଟିଟିଲାଗଡ଼, ୪।୨(ସମିସ):** ଟିଟିଲାଗଡ଼ ବ୍ଲକ ବିଜେପୁର ପଞ୍ଚାୟତରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହୃଷୀକେଶ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଜେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶୀଳ ମିଶ୍ର, ବିଜେପୁର ରାଜସ୍ୱ ନିରୀକ୍ଷକ ବିକାଶ ହେମ୍ବ୍ରମ, ଶେବାନିବୃତ୍ତ ଶିକ୍ଷକ ଧରମସିଂ ବଗର୍ତ୍ତି, ସମାଜସେବୀ ନରେନ୍ଦ୍ର ବଗର୍ତ୍ତି ମଞ୍ଚାସୀନ ଥିଲେ। ଧରମସିଂ ବଗର୍ତ୍ତି ଏବଂ ଉମେଶଚନ୍ଦ୍ର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶରତ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଗ୍ରାମ ରୋଜଗାର ସେବକ ଉମେଶ ବଗର୍ତ୍ତି, ଯୋଗାଣ ସହାୟକ ପ୍ରଶାନ୍ତ ବଗର୍ତ୍ତି, ଟୁକେନ୍ଦ୍ର ବଗର୍ତ୍ତି, ବିକାଶ ବେହେରା, ବୈଲୋଚନ ମାଝୀ, ବିନୋଦ ନାଏକ, ତରୁ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ। ଏହି ସମ୍ମିଳନୀରେ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ବିଜେପୁର ଓ ଚୋରମରା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ: ସିକୁଆଁ ଦଳ ବିଜୟୀ

**ତୁରେକେଲା,୪।୨(ସମିସ):** ତୁରେକେଲା ବ୍ଲକ କନ୍ଦେଇ ପଞ୍ଚାୟତ ଅନ୍ତର୍ଗତ ଯୋବାମାଲ ଗ୍ରାମର ମାଁ ବସ୍ତରେନ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ରହେନପଦକୁ ଏଥିରେ ସିକୁଆଁ ଦଳ ହରାଇ ଚାମ୍ପିଅନ ହୋଇଛନ୍ତି। ବିଜେପି କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷଣ ବାଗ, କନ୍ଦେଇ ସରପଞ୍ଚ ଦେବରାଜ ପୁଟେଲ, ସମିତିସଭ୍ୟ କବିତ ପୁଟେଲ, ସାମ୍ବାଦିକ ତୁଳସୀ ରାମ ଜଗତ, ହରି ଯୁଏଡ, ଦୁର୍ଯୋଧନ ଆଡ଼ଯୁଆଡ଼, କବିତା ପୁଟେଲ, ହେମବନ୍ତ ଆଡ଼ଯୁଆଡ଼, ତିଳେଶ୍ୱର ପୁଟେଲ, ହରିହର ଆଡକୁଏଡ଼, ଲିଙ୍ଗରାଜ ଆଡକୁଏଡ଼, ହୀରାନନ୍ଦ ଆଡକୁଏଡ଼, ଭୁବନେଶ୍ୱର ଗହୀର, ହୃଦାନନ୍ଦ ଆଡ଼ଯୁଏଡ଼, ପ୍ରଫୁଲ୍ଲ ହାତି, ସଦାଶିଙ୍ଘ ଆଡକୁଏଡ଼, ବୈଷ୍ଣବ ପୁଟା, ଚିତ୍ର ପୁଟା, ଲୀଳାମ୍ବର ଭୋଇ, ନରସିଂହ ଆଡକୁଏଡ଼, ପଦ୍ମନାଭ ଆଡକୁଏଡ଼, ଖେଳ ପରିଚାଳନା କରିଥିଲେ।



# ଜଗନ୍ନାଥ ସେନା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ସୁବଳୟା, ୪।୨ (ସମିସ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା କଲ୍ୟାଣ ମଣ୍ଡପରେ ରବିବାର ଜଗନ୍ନାଥ ସେନା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜଗନ୍ନାଥ ସେନା ସଭାପତି ପ୍ରମୋଦ ପୋଡଙ୍କ ସଭାପତିତ୍ୱରେ ତଥା ସନ୍ତୋଷ ପୂଜାହାରୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରମୋଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ବାଦିକ ନନ୍ଦିକିଶୋର ମିଶ୍ର, ଜୁନିଅର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ, ରକ୍ତ ଦାତା ସଂଘର ସଦସ୍ୟ ରାମନାରାୟଣ ଦାସ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଚନ୍ଦ୍ରମଣି ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜଗନ୍ନାଥ ସେନାର ସମସ୍ତ ସଦସ୍ୟ ଓ ଅତିଥିଗଣ ସହର ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ପ୍ରବଣ ମହାପାତ୍ର ରକ୍ତ ସଂଗ୍ରହ କରିଥିଲେ। ସୋନପୁର ବ୍ଲଡ ବ୍ୟାଙ୍କ କର୍ମଚାରୀ ଜଗତ ଦରୁଆନ, ଟିଟୁ ଭୋଇ ଓ ଯୁଧିଷ୍ଠିର ନାଏକ ସହଯୋଗ କରିଥିଲେ। ସେନାର ସକ୍ରିୟ ସଦସ୍ୟ ଉପେନ୍ଦ୍ର, କିଶୋର, ସଂପଦ, ଚମ୍ପେ, ନନ୍ଦନ ଓ ଭବନ ସହଯୋଗ କରିଥିବା ବେଳେ ସଂପାଦକ ଚନ୍ଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ମୁରିବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉଦ୍‌ଯାପିତ

**ମୁରିବାହାଲ, ୪।୨(ସମିସ):** ମୁରିବାହାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବ କମିଟି ସଭାପତି ଜିତେନ୍ଦ୍ରୟ ଭୋଇଙ୍କ ସଭାପତିତ୍ୱରେ ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ମୁରିବାହାଲ ଡିଗ୍ରୀ କଲେଜ ଅଧକ୍ଷ ସରୋଜ ନାୟକ, ଆଲୁମନୀ ସଦସ୍ୟ ରାମରତନ ମେହେର, ଧନଞ୍ଜୟ ପଧାନ, ଶ୍ରୀପତି ଶାଣ୍ଡ, ଭରତ ଭୋଇ, ଦାମୋଦର ଭୋଇ, ବଳାମୁକୁନ୍ଦ ବନଛୋର, ବିଶିଷ୍ଟ କଳକାର ଭୈରବ ଚରଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ରୂପେ ଖଡିଆଲ କଲେଜର ଏଜୁକେଶନ ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋଚପାତ କାରିଥିଲେ। ଲୋଇସିଂହାର ସୁରସଂଗୀତ, ତୁଷୁରା ସାନ ବଡ଼ଘୁଡୁକା, ଟିଟିଲାଗଡ଼ର ସାଇନିଙ୍ଗ ଏକାଡେମୀ, ବନ୍ଦନପାଲିର ନାରୀଶିକ୍ଷା, ସୁଦର୍ଶନ ଦୀପ ବଜାଶାଲ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୩ ଦିନ ଧରି ପାଳତ ହୋଇଥିବା ମହୋତ୍ସବରେ ସାଧାରଣ ସମ୍ପାଦକ ଅଶୋକ ତରିଆ, ସହସମ୍ପାଦକ ରୁପେଶ ଶାଣ୍ଡ, କୋଷାଧକ୍ଷ କୁନା ବଘାର, ଅଜିତ ତରିଆ, ଶ୍ରୀମୁଖ ଷଣ୍ଡ, ମାନପତି ଶାଣ୍ଡ, ଯୁଧିଷ୍ଠିର ବଘାର, ଅଗସ୍ତି ବଘାର, ତପନ ବଘାର, ଅନ୍ତରାମ ପଧାନ, ଯଦୁପତି ଅଗସ୍ତି, ମାନସ ଦଳେଇ, ଶମ୍ଭୁପ୍ରସାଦ ଭୋଇ, ସଞ୍ଜୟ ବାଗ, ପ୍ରଶାନ୍ତ ମହାର, ପିକୁନ ପ୍ରଧାନ, ଦନାର୍ଦ୍ଦନ ବଗତ୍ତି, ନିରାକାର ବଘାର, ଲିଲୁମୋହନ ପଧାନ, ଉମେଶ ସେଟ, ନରେନ୍ଦ୍ର ପଶାୟତ, ଶାନ୍ତରାମ ପଧାନ, ଶ୍ରୀବତ୍ସ ବେହେରା ସଂଯୋଜନା କରିଥିଲେ।



# ରାଇଜିଙ୍ଗ ଷ୍ଟାର କପ୍ କ୍ରିକେଟ: ତୁର୍ଲା ଚାମ୍ପିଅନ

**ଖପ୍ରାଖୋଲ, ୪।୨(ସମିସ)**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ଅନ୍ତର୍ଗତ ଝାଙ୍କରପାଲିଠାରେ ଚାଲିଥିବା ନବମ ରାଇଜିଙ୍ଗ ଷ୍ଟାର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ତୁର୍ଲା ଓ ଦାନାମାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତୁର୍ଲା ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୮ ଓଭରରେ ୬ ୱିକେଟ୍ ହରାଇ ୯୧ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଦାନାମାଲ ଦଳ ୮ ଓଭର ରେ ୬ ୱିକେଟ ହରାଇ ମାତ୍ର ୬୯ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ରାଇଜିଙ୍ଗ ଷ୍ଟାର କ୍ରିକେଟ୍ କ୍ଲବ ସଭାପତି ରଜନୀକାନ୍ତ ପୁଟେଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଭାନପୁର ସରପଞ୍ଚ ରୀନା ଜାଲ, ସମ୍ମାନିତ ଅତିଥି ଭାବେ କାର୍ତ୍ତିକ ସେଟ୍, ରୂପା ପୁଟେଲ, ଜପକ୍ରିଷ୍ଟ ଭୋଇ, ଲିଙ୍ଗରାଜ ପୁଟେଲ ଯୋଗ ଦେଇଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୧୦୦୦୦ ଟଙ୍କା ଏବଂ ରନର୍ସ ଅପ ଦଳ କୁ ଟ୍ରଫି ସହ ୬୦୦୦ ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଅମ୍ପାୟାର ଅମିତ୍ ପଣ୍ଡା ଓ ବିଷ୍ଣୁପ୍ରସାଦ ମହାଲିଙ୍ଗ ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ରିଙ୍କୁ ପୁଟେଲ ଦାୟିତ୍ୱ ତୁଲାଇଥିଲେ। କୁଶରଞ୍ଜନ ଭୋଇ ଓ ରଞ୍ଜିତ ମେହେର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଓଁକାର ଭୋଇ, ମାନସ ପୁଟେଲ , ଆଶିଷ ସାହୁ, ସୁବାସ ବାଗ, ମିତ୍ରଭାନୁ ସାହୁ, ମନବୋଧ ବାଗ, ସରୋଜ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟଟି ତିନି ଦିନ ଧରି ଚାଲିଥିବା ବେଳେ ୧୬ଟି ଦଳ ଭାଗ ନେଇଥିଲେ।



### ଖତ ତିଆରି କରି ରୋଜଗାରକ୍ଷମ ମହିଳା

# ନିଅଣ୍ଟିଆ ବଜାର ବ୍ୟବସ୍ଥା, ପଡ଼ିରହିଛି ୧୫ କ୍ୱିଣ୍ଟାଲ

ସମ୍ବଲପୁର, ୪ା୨(ସମିସ)

ସମ୍ବଲପୁର ମହାନଗର ନିଗମ ପ୍ରତ୍ୟେକ ଘରୁ ବାହାରି ଥିବା ଅଳିଆ ସଂଗ୍ରହ କରାଯାଉଛି। ସୁବିଧା ଦୃଷ୍ଟିରୁ ଶୁଖିଲା ଓ ଓଦା ପୃଥକ ଭାବରେ କର୍ମଚାରୀମାନେ ମହାନଗର ନିଗମର ଗାଡ଼ିରେ ବୁଲି ପ୍ରତି ୱାର୍ଡରେ ସଂଗ୍ରହ କରୁଛନ୍ତି। ପରେ ମହାନଗର ନିଗମ ତିଆରି କରିଥିବା ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ନେଇ ଜମା ଦେଉଛନ୍ତି। ପ୍ଲାଣ୍ଟ ଗୁଡ଼ିକରେ ମିଶନ ଶକ୍ତି ମହିଳାଙ୍କୁ ନିୟୋଜିତ କରାଯାଇଛି। ଅଳିଆକୁ ବ୍ୟବହାର କରି ଏସଏସଜି ମହିଳାମାନେ ଖତ ତିଆରି କରି ରୋଜଗାର କରୁଛନ୍ତି। ସେମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ସୁଧାର ଆସିଛି। ହେଲେ ଖତ ତିଆରି ହେବା ପରେ ବିକ୍ରି ପାଇଁ ଆବଶ୍ୟକ ବଜାର ସୁବିଧା ନ ଥିବାରୁ ଖତ ବିକ୍ରି ହୋଇ ପାରିନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି ବାଲିବନ୍ଧା ମାଇକ୍ରୋ ପ୍ଲାଣ୍ଟର ଦାୟିତ୍ୱରେ ଥିବା ମହିଳାମାନେ। ସେମାନଙ୍କ ଅଭିଯୋଗ କ୍ରମେ ଓଦା ଅଳିଆରୁ ଖତ ତିଆରି କରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ସମ୍ବଲପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଲାଗି ଏସଏମସି ପକ୍ଷରୁ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ତିଆରି କରିବାର କାମ ହାତକୁ ନେଇଛନ୍ତି। ଆମ ସାଥୀକାରୀ ଏସଏଚଜି ଗ୍ରୁପର ୧୦ ଜଣ ମହିଳା ଏହି ଖତ ତିଆରି କରି ଭଲ ପଇସା ରୋଜଗାର କରିପାରୁଛନ୍ତି। ଏସଏମସି ଅଳିଆ ଗାଡି ବର୍ଜ୍ୟବସ୍ତୁ ନେଇ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟରରେ ପହଞ୍ଚି ଥାଏ। ପରେ ମହିଳାମାନେ ଓଦା ଅଳିଆରୁ ହିଁ ଏହି ଖତ ତିଆରି କରିଥାନ୍ତି। ଖାଦ୍ୟ ଓ କଞ୍ଚା ପରିବାକୁ ନେଇ କୁଣ୍ଡରେ ରଖାଯାଏ। ଗୁଡ ଦହି ଓ କୁଣ୍ଡାକୁ ପକାଇ ୭ ଦିନ ପର୍ଯ୍ୟନ୍ତ ପକାଇ ମିଶାଯାଇଥାଏ। ୪୨ ଦିନ ଏହି ଖତ ପ୍ରସ୍ତୁତ ହୋଇଯାଏ। ତାକୁ ନେଇ ଖରାରେ ଶୁଖାଯାଇ ପ୍ଲାଷ୍ଟିକକୁ ଅଲଗା କରାଯାଏ। ଖତ ପ୍ରସ୍ତୁତ ହେଲା ପରେ ୱାର୍ଡରେ ଥିବା ବିକ୍ରୟ କେନ୍ଦ୍ରକୁ ଯାଇଥାଏ। ଏହି ଏସଏଚଜି ମହିଳାମାନେ ଏହି ଖତ ବ୍ୟବସାୟ କରି ମାସକୁ ୧୦ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ସୁନନ୍ଦନା ସାହୁଙ୍କ ନେତୃତ୍ୱରେ କିନା ପ୍ରଧାନ, ଅନିତା ନାଏକ, ଦେବକୀ ନାଏକ, ପ୍ରମିତା ନାଏକ, ବିନୋଦିନି ପ୍ରଧାନ, ସାରଗରିକା ସ୍ୱାଇଁ ଗ୍ରୁପର ମହିଳାମାନେ ଏଠାରେ କାମ କରି ରୋଜଗାରକ୍ଷମ ହୋଇପାରିଛନ୍ତି ବୋଲି ଖୁସି ବ୍ୟକ୍ତ କରିଛନ୍ତି। ହେଲେ ଏହି ଖତର ପ୍ରଚାର ପ୍ରସାର ଅଭାବରୁ ଓ ବଜାର ସୁବିଧା ନ ଥିବାରୁ ବିକ୍ରୟ ହୋଇପାରୁ ନାହିଁ ବୋଲି ସୁପରଭାଇଜର ଶ୍ରଦ୍ଧାଞ୍ଜଳୀ ମାଝୀ କହିଛନ୍ତି। ବାଲିବନ୍ଧ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟରରେ ୧୫୦୦ କେଜିରୁ ଅଧିକ ଖତ ଜମାହୋଇ ରହିଛି। ବାହାରେ ମିଳୁଥିବା ବିଭିନ୍ନ ରାସାୟନିକ ସାର ତୁଳନାରେ ଏହି ଖତ ମାଟିକୁ କ୍ଷତି କରିନଥାଏ। ପ୍ରାକୃତିକ ଉପାୟରେ ମହିଳା ମାନେ ଏହାକୁ ତିଆରି କରିଥାନ୍ତି କିନ୍ତୁ ଏହାର ପ୍ରଚାର ପ୍ରସାର ଅଭାବରୁ ଖତ ଅଧିକ ବିକ୍ରୟ ହୋଇପାରୁ ନାହିଁ। ପ୍ରକାଶ ଥାଉକି, ପ୍ରାୟ ୩ ବର୍ଷରେ ଏସ୍‌ଏମସି ଅଧୀନ ବିଭିନ୍ନ ଅଞ୍ଚଳରେ ମୋଟ ୯ ଗୋଟି ପ୍ଲାଣ୍ଟ କାର୍ଯ୍ୟକ୍ଷମ ରହିଛି। ଏପଟେ ପରିବେଶ ସୁରକ୍ଷା ଅନ୍ୟପଟେ ରାଜସ୍ୱ ବୃଦ୍ଧିରେ ସହାୟକ ହୋଇପାରୁଛି ଏହି ପ୍ଲାଣ୍ଟ। ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ପ୍ରତିଦିଦ ଶୁଖିଲା ଓ ଓଦା ମିଶି ପ୍ରାୟ ୧୦୦ ଟନ ବର୍ଜ୍ୟବସ୍ତୁ ସଂଗ୍ରହ ହୋଇଥାଏ। ଗୋଟିଏ ପ୍ଲାଣ୍ଟରେ ପ୍ରତିଦିନ ୫ ଟନ ଖତ ତିଆରି କରି ପାରିବାର କ୍ଷମତା ରହିଛି। ଏସ୍‌ଏମସି ବର୍ଜ୍ୟବସ୍ତୁରୁ ଦୁଇ ପ୍ରକାର ରାଜସ୍ୱ ଆଦାୟ କରୁଛି। ଖତ ଓ ପ୍ଲାଷ୍ଟିକ, ଲୁହା, ଟିଣ, ପଲିଥିନ ଭଳି ୧୬ ପ୍ରକାର ସାମଗ୍ରୀ ବିକ୍ରି କରି ମଧ୍ୟ ରାଜସ୍ୱ ଆଦାୟ କରାଯାଉଛି। ଏହା ହେବା ଫଳରେ ପରିବେଶ ପ୍ରଦୂଷଣ ମଧ୍ୟ କମିଯିବ ବୋଲି ଆଶା କରାଯାଉଛି।








## ୱାର୍ଡ ନଂ୧୪, ୧୮ ରେ ବିଜେଡିର ପରିବାର ସମ୍ପର୍କ ଅଭିଯାନ

ସମ୍ବଲପୁର, ୪ା୨ (ସମିସ): ବିଜୁ ଜନତା ଦଳ ତରଫରୁ ପରିବାର ସମ୍ପର୍କ ଅଭିଯାନର ଅଂଶବିଶେଷ ଭାବେ ସମ୍ବଲପୁର ମହାନଗର ଅନ୍ତର୍ଗତ ୱାର୍ଡ ନମ୍ବର-୧୮ ର ଷ୍ଟେସନ ପଡ଼ା ଓ ୱାର୍ଡ ନମ୍ବର-୧୪ର ବନ୍ଧ ପଡ଼ାରେ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁରର ବରିଷ୍ଠ ନେତା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଇଂ.ସିଦ୍ଧାର୍ଥ ଦାସ ଯୋଗଦେଇ ପଡ଼ାବାସୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ବିଚାର ବିମର୍ଷ କରିଥିଲେ। ୧୮ ନମ୍ବର ୱାର୍ଡରେ ଥିବା ବନ୍ଧ(ପୋଖରୀ)ର ପୁନରୁଦ୍ଧାର, ୧୪ ନମ୍ବର ୱାର୍ଡରେ ପାନୀୟ ଜଳ ସମସ୍ୟା, ଶୌଚାଳୟ ସମସ୍ୟା ଉପରେ ଅବିଳମ୍ବେ କର୍ତୃପକ୍ଷଙ୍କ ସହ ଆଲୋଚନାକରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ବିଜେଡି ତରଫରୁ ଅନୁଷ୍ଠିତ ଏହି ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସଙ୍କ ସହ ସମ୍ବଲପୁର ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଦିଲୀପ ଦାଶ, ଯୁବ ବିଜେଡି ଜିଲ୍ଲା ସମ୍ପାଦକ ଇଂ.ଦୀନେଶ ସେଠ, ବରିଷ୍ଠ ନେତା ଭରତ ସୁନା, ରାଜା ସିକନ୍ଦର, ଇଂ. ନିଶିଥ ଆକାଶ, ବନମାଳୀ ନାଗ, ମୁକେଶ ପ୍ରଧାନ, ଧରତୀ ଛତ୍ରପାଳ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସମ୍ବଲପୁର ମହୋତ୍ସବର ସଂଯୋଜକ ହେଲେ ସୌଭାଗ୍ୟ



ସମ୍ବଲପୁର, ୪ା୨(ସମିସ): ସମ୍ବଲପୁର ମହୋତ୍ସବ୍ ଆୟୋଜନ କମିଟିର ଅଭ୍ୟର୍ଥନା କମିଟିର ସଂଯୋଜକ ଭାବରେ ଆଜି ସୌଭାଗ୍ୟ ନାୟକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ମହିଳା ନେତ୍ରୀ ମିନତୀ ଦେବତାଙ୍କୁ ମଞ୍ଚର ସୁବ୍ୟବସ୍ଥା ପାଇଁ ମନୋନୀତ କରାଯାଇଛି। ଆଜି ଆୟୋଜନ କମିଟୀର ବୈଠକରେ କର୍ମକର୍ତ୍ତାମାନେ ଆସନ୍ତା ୮ ଫେବୃଆରୀଠାରୁ ଆରମ୍ଭ ହେବାକୁ ଥିବା ସମ୍ବଲପୁର ମହୋତ୍ସବ ବାବଦରେ ହୋଇଥିବା ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିଛନ୍ତି। ଏ ସଂପର୍କରେ ସୂଚନା ଦେଇ ଆୟୋଜନ କମିଟିର ଭକ୍ତପ୍ରସାଦ ନନ୍ଦ କହିଛନ୍ତି ଯେ ପ୍ରତ୍ୟେକ ଦିନର ଅତିଥିମାନଙ୍କ ଦାୟିତ୍ୱ ସୋଭାଗ୍ୟ ନାୟକ ନିର୍ବାହ କରିବେ। ଏହା ସହିତ ମଞ୍ଚର ବ୍ୟବସ୍ଥା ମଞ୍ଚ ଓ ପ୍ରେକ୍ଷାଳୟ କମିଟିର ସଦସ୍ୟମାନେ ତୁଲାଇବେ। ବିଭିନ୍ନ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସହ ପଶ୍ଚିମାଞ୍ଚଳର ପଦ୍ମଶ୍ରୀ ବିଜେତା ଓ ଅନ୍ୟାନ୍ୟ ନେତୃବୃନ୍ଦ ଅତିଥି ଭାବରେ ଯୋଗ ଦେବେ। ସୋଭାଗ୍ୟ ନାୟକଙ୍କ ପରିଚାଳନାରେ ପ୍ରତ୍ୟେକ ସନ୍ଧ୍ୟାର ଅତିଥିଙ୍କ ସମନ୍ୱୟରେ ସେ ସବୁ ମଞ୍ଚକାର୍ଯ୍ୟ ସଂପାଦିତ ହେବ।

### ମହୋତ୍ସବ ସଫଳତା ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା

ସମ୍ବଲପୁର, ୪ା୨(ସମିସ): ଆସନ୍ତା ୮ ରୁ ୧୪ ଫେବୃଆରୀ ପର୍ଯ୍ୟନ୍ତ ବୀର୍ସା ମଏଦାନ୍ ପିଏଚଡି ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସମ୍ବଲପୁର୍ ମହୋତ୍ସବ୍‌ର ସବିଶେଷ ଆୟୋଜନ ନେଇ ଏହାର କର୍ମକର୍ତ୍ତାମାନେ ଆଜି ସମ୍ବଲପୁରର ଜିଲ୍ଲାପାଳଙ୍କୁ ଭେଟି ମହୋତ୍ସବର ସଫଳତା ନେଇ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ଆୟୋଜକଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିବା ନେଇ ସପନ ମିଶ୍ର ଗଣମାଧ୍ୟମକୁ ଜଣାଇଛନ୍ତି। ଏହାର ପୃଷ୍ଠପୋଷକ ଭାବରେ ଜିଲ୍ଲାପାଳ ରହିଥିବାରୁ ଆୟୋଜକ କମିଟି ପଡ଼ିଆରେ ଜଳ ବ୍ୟବସ୍ଥା ଓ ପରିମଳ ପାଇଁ ପ୍ରତ୍ୟହ କମିଶନର୍ ଓ ପିଏଚ୍‌ଡିର ସହଯୋଗ ପାଇଁ ସେମାନେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିପାଇଁ ଜଳ ଯୋଗାଣ ଗାଡି ବ୍ୟବସ୍ଥା କରାଯିବାକୁ ସେମାନେ ଜିଲ୍ଲାପାଳଙ୍କ ଠାରେ ଅନୁଗ୍ରହ କରିବା ସହିତ ପ୍ରତିଦିନ ପଡ଼ିଆକୁ ସଫା କରିବା ତଥା ସେଠାରେ ଥିବା ପାଇଖାନାକୁ ପରିଷ୍କାର ଓ ପରିଚ୍ଛନତା ରଖିବାକୁ ଅନୁରୋଧ କରିଛନ୍ତି। ଆୟୋଜକମାନେ ନୂତନ ଜିଲ୍ଲାପାଳଙ୍କୁ ଭେଟିବା ପରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା ନେଇ ଆଶ୍ୱସ୍ତି ପ୍ରକାଶ କରିଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



### ଚଷା ସମାଜ ବନ୍ଧୁମିଳନରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

## ସମାଜରେ ମହିଳା ଭାଗିଦାରୀ ଯେତେ ବଢ଼ିବ, ସେତେ ସଶକ୍ତ ହେବ

ସମ୍ବଲପୁର, ୪ା୨(ସମିସ): ସମ୍ବଲପୁର ଚଷା ସମାଜର ୧୭ତମ ବାର୍ଷିକ ପାରିବାରିକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ମୋଦି ସରକାର ଅନ୍ନଦାତାଙ୍କ କଲ୍ୟାଣ ସହ ସୁରକ୍ଷାର ଗ୍ୟାରେଣ୍ଟି ଦେଇଛନ୍ତି। ସମ୍ବଲପୁର ଚଷା ସମାଜର ପାରିବାରିକ ବନ୍ଧୁମିଳନରେ ସାମିଲ ହେବା ମୋ ପାଇଁ ବିଶେଷ ଅବସର। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀ ଭାଇଙ୍କ ସମେତ ସମାଜ ପାଇଁ ଭଲ କାମ କରୁଥିବା ସ୍ଥାନୀୟ ଅଞ୍ଚଳରେ ବନ୍ଧୁ ମାନଙ୍କୁ ସମ୍ମାନିତ କରିବାର ପରମ୍ପରା ପ୍ରଶଂସନୀୟ। ଏହି ବନ୍ଧୁମିଳନରେ ସାମିଲ ହୋଇ ମୁଁ ବେଶ୍ ପୁଲକିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସରକାର ଚାଷୀ ମାନଙ୍କୁ ଅଗ୍ରାଧିକାର ଦେଉଛନ୍ତି। ଅନ୍ନଦାତାଙ୍କ କଲ୍ୟାଣ ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ଗ୍ୟାରେଣ୍ଟି ଦେଇଛନ୍ତି। ବଜେଟରେ କୃଷକଙ୍କ ହିତ ପାଇଁ ବିଶେଷ ଧ୍ୟାନ ଦିଆଯାଇଥିବା ସେ କହିଛନ୍ତି। ମୋଦି ସରକାର ଶିକ୍ଷା କ୍ଷେତ୍ରରେ ଛାତ୍ରୀଙ୍କ ନାମଲେଖା ହାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଉଚ୍ଚଶିକ୍ଷାରେ ଛାତ୍ରଛାତ୍ରୀଙ୍କ ନାମଲେଖାରେ ୨୬.୫ ପ୍ରତିଶତ ବୃଦ୍ଧି ହୋଇଛି। ୪୩ ପ୍ରତିଶତ ଝିଅ ବିଜ୍ଞାନ, ଗଣିତ ଓ ଇଞ୍ଜିନିୟରିଂରେ ପାଠ ପଢୁଛନ୍ତି। ମହିଳାଙ୍କ ରାଜନୈତିକ ଅଧିକାରକୁ ଆଗକୁ ନେବା ପାଇଁ 'ନାରୀ ଶକ୍ତି ବନ୍ଦନ ଆଇନ' ମାଧ୍ୟମରେ ବିଧାନସଭା ଓ ଲୋକସଭା ଆସନରେ ୩୩ ପ୍ରତିଶତ ସଂରକ୍ଷଣ ଦେବାର ଯୋଜନା ହୋଇଛି। ଭାରତର ଚନ୍ଦ୍ରାୟାନ-୩ ଅଭିଯାନରେ ମହିଳାଙ୍କ ଯୋଗଦାନ ଅଧିକ ଥିଲା। ସମାଜରେ ମହିଳା ଭାଗିଦାରୀ ଯେତେ ବଢ଼ିବ, ସମାଜ ସେତେ ସଶକ୍ତ ହେବ। ସମାଜକୁ ଅଧିକ ସମୃଦ୍ଧ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଥିଲେ।



## ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ଶୋକସଭା

ମ୍ବଲପୁର, ୪ା୨(ସମିସ): ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆଜି ଏକ ଶୋକସଭା ଆୟୋଜିତ ହୋଇଯାଇଛି। ପରିଷଦର ସଭାପତି ଡ.ଶିବନାରାୟଣ ଶତପଥିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଅଞ୍ଚଳର ବିଶିଷ୍ଟ ଅଭିନେତା ତଥା ନାଟ୍ୟ ସଙ୍ଗଠକ ରବି ନାରାୟଣ ବହିଦାର ଏବଂ ପ୍ରସିଦ୍ଧ ସିନେ କଳାକାର ପଦ୍ମଶ୍ରୀ ଡ. ସାଧୁ ମେହେରଙ୍କୁ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସହସମ୍ପାଦକ ବୀରୁପାକ୍ଷ ପ୍ରଧାନ ସଭା ସଂଯୋଜନା କରିଥିଲେ। ମନୋରଞ୍ଜନ ପାଢ଼ୀ, ପ୍ରଶାନ୍ତ ମହାରଣା, ଭବାନୀ ଶଙ୍କର ଦାଶ, ଗୋରେଖଲାଲ ଦାସ ପ୍ରମୁଖ ଦିବଙ୍ଗତ ପ୍ରତିଭା ଦ୍ୱୟଙ୍କ ଉପରେ ଆଲୋଚନା କରିଥିଲେ। ଜଣେ ଆନ୍ତର୍ଜାତିକ ସ୍ତରର ଅଭିନେତା ଭାବରେ ଡ.ସାଧୁ ମେହେରଙ୍କୁ ଅବିହିତ କରି ତାଙ୍କ ଉଚ୍ଚାଙ୍ଗ ଅଭିନୟର ବିଭିନ୍ନ ଦିଗ ଉପରେ ସଭାରେ ଆଲୋଚନା ହୋଇଥିଲା ଅନୁରୂପ ଭାବରେ ଜଣେ ସମର୍ପିତ ନାଟ୍ୟ ବ୍ୟକ୍ତିତ୍ୱ ଓ ନାଟ୍ୟ ସଙ୍ଗଠକ ଭାବରେ ରବି ବହିଦାରଙ୍କ ନାଟକ ପ୍ରତି ଅବଦାନ ଉପରେ ଆଲୋଚନା ହୋଇଥିଲା। ପ୍ରକାଶ ଥାଉକି ଗତ ୨୦୨୨ ମସିହାରେ ବିଶ୍ୱନାଟ୍ୟ ଦିବସ ଦିନ ଶ୍ରୀ ବହିଦାରଙ୍କୁ ପରିଷଦ ପକ୍ଷରୁ 'ନାଟ୍ୟକଳା ସମ୍ମାନ' ପ୍ରଦାନ କରାଯାଇଥିଲା।

## ସାଂସ୍କୃତିକ ପରିଷଦ ତରଫରୁ ଚିତ୍ରାଙ୍କନ ପ୍ରତିଯୋଗିତା

ସମ୍ବଲପୁର, ୪ା୨(ସମିସ): ସମ୍ବଲପୁର ସାଂସ୍କୃତିକ୍ ପରିଷଦ ତରଫରୁ ଆଜି ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ରେକର୍ଡ ସଂଖକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ୧୭୪୦ ଜଣ ପ୍ରତିଯୋଗୀ ୫ଟି ବର୍ଗରେ ଯୋଗ ଦେଇ ବିଭିନ୍ନ ଚିତ୍ର ଅଙ୍କନ କରିଛନ୍ତି। ମୁଖ୍ୟତ ପଶ୍ଚିମାଞ୍ଚଳ ବିଷୟକ ଦୃଶ୍ୟଚିତ୍ର ଆଙ୍କିବାକୁ ଦିଆଯାଇଥିଲା। ଫେବୃଆରୀ ମାସରେ ସମ୍ବଲପୁର ମହୋତ୍ସବ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଶ୍ରେଣୀର ପରୀକ୍ଷା ଥିବା ହେତୁ କମ୍ ଅଂଶଗ୍ରହଣ କରିବେ ବୋଲି ଆୟୋଜକମାନେ ଆଶଙ୍କା କରିଥିଲେ। ମାତ୍ର ସବୁ ସନ୍ଦେହକୁ ପଛରେ ପକାଇ ଆଜି ଅଭୂତପୂର୍ବ ପ୍ରତିଯୋଗୀଙ୍କ ଯୋଗଦାନ ଆୟୋଜକଙ୍କ ଉତ୍ସାହକୁ ବହୁଗୁଣିତ କରିଦେଇଛି। ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମ୍ବଲପୁର ମହୋତ୍ସବର ପ୍ରଥମ ସନ୍ଧ୍ୟା ପେବୃଆରୀ ୮ ତାରିଖ ଦିନ ସାର୍ଟିଫିକେଟ ପ୍ରଦାନ କରାଯିବ। ପ୍ରତି ବର୍ଗରେ ତିନି ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଟ୍ରଫି ସହ ସାର୍ଟିଫିକେଟ ଦିଆଯିବ। ଏବେ ମହୋତ୍ସବରେ ପଶ୍ଚିମାଞ୍ଚଳର କଳାକୃତି ସମ୍ବନ୍ଧିତ ବିଭିନ୍ନ ଉପାଦାନ, ପେଣ୍ଟିଂ, ଫଟୁଚିତ୍ର, ମାଟି ଓ ଧାତୁର କଳାତ୍ମକ ଅଭିବ୍ୟକ୍ତି ଗୁଡିକୁ ସ୍ଥାନିତ କରାଯିବ। ଏଥିପାଇଁ ଆୟୋଜକମାନେ ସମସ୍ତଙ୍କଠାରୁ ସେସବୁକୁ ସଂଗ୍ରହ କରୁଛନ୍ତି। ଇଚ୍ଛୁକ ବ୍ୟକ୍ତିମାନେ ନିଜ ନିଜ ଉପାଦାନକୁ ଆୟୋଜକଙ୍କଠାରେ ଜମା ଦେବାକୁ ନିବେଦନ କରାଯାଇଛି। ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଆସନ୍ତା ୮ ତାରିଖ ଦିନ ୧୧ ଟାରେ ବୀର୍ସା ମଏଦାନ୍ ପିଏଚ୍‌ଡି ପଡ଼ିଆରେ ଝୁଟି-ଅଲ୍‌ପିନା-ରଙ୍ଗୋଲୀ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି।



## ବୁର୍ଲା ହାଇସ୍କୁଲ ୮୪ ବ୍ୟାଚର ବନ୍ଧୁମିଳନ



ସମ୍ବଲପୁର, ୪ା୨(ସମିସ): ଜିରୋ ପଏଣ୍ଟ ଠାରେ ବୁର୍ଲା ହାଇସ୍କୁଲ ୧୯୮୪ ମେଟ୍ରିକ ବ୍ୟାଚ ପକ୍ଷରୁ ଆଜି ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଷିକୀ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ବୁର୍ଲା ହାଇସ୍କୁଲର ଶତାଧିକ ପୂର୍ବତନ ଛାତ୍ର ସପରିବାର ସହିତ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଗୃହିଣୀ ଏବଂ ପିଲା ମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମକୁ ସାଫଲ୍ୟ କରିବା ପାଇଁ ବ୍ୟାଚର ସଭାପତି କ୍ଷୀରୋଦ ଷଡଙ୍ଗୀଙ୍କ ସମେତ ମନୋଜ ପଣ୍ଡା, ସରିତା ଦାସ, ପ୍ରମୋଦ ଦାସ, ଅରୁଣ ପାଢ଼ୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଏବିସିଡି ଟ୍ରଷ୍ଟର ସପ୍ତମ ବାର୍ଷିକ ଉତ୍ସବ

ସମ୍ବଲପୁର, ୪ା୨ (ସମିସ): ଏବିସିଡି ଚାରିଟେବଲ ଟ୍ରଷ୍ଟର ସପ୍ତମ ବାର୍ଷିକ ଉତ୍ସବ ଆଜି ତପସ୍ୱନୀ ହଲରେ ପାଳନ କରାଯାଇଛି। ଏଥିରେ ସମ୍ବଲପୁର ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲର ନବମ ଶେଣୀରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ମୁଖ୍ୟ ଅଥିତି ରୂପେ ଅଶୋକ ଜଲାନ ଯୋଗଦେଇଥିଲେ। ସମ୍ମାନିତ ଅଥିତି ରୂପେ ସଚିତାନନ୍ଦ ମିଶ୍ର, ଅନ୍ୟ ଅଥିତି ରୂପେ ସମାଜ ସେବୀ କାର୍ତିକ କଲେତ, ସମ୍ବଲ ପରିବାରର ରାମଦାସ ପଣ୍ଡା, ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଲୋକିତା ଦାସ, ରେଗାଲୀ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମନୀକାନ୍ତ ସାହୁ ଉପସ୍ଥିତ ଥିଲେ। ଏବିସିଡି ଚାରିଟେବଲ ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ଶତନାମୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉତ୍ସବରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିଜୟ କରିଥିବା ପ୍ରତିଯୋଗୀମାନଙ୍କୁ କପ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ତର୍ପଣ ପ୍ରଧାନ ଓ ରମାଶିଷ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଟ୍ରଷ୍ଟର ଶିକ୍ଷକ ସୁନୀଲ ସାଗର ଧନ୍ୟବାଦ ଦେଇଥିଲେ। ଶିକ୍ଷକ ମୁକେଶ ମେହେର, ଅଜୟ କୁମାର, ଓମ ପ୍ରକାଶ, ପରକ୍ଷିତ ମେହେର, ବିଳାସିନୀ କଲେତ, କାର୍ତିକ ବହିଦାର, ନାନାଗ୍ରାମ ହାଇ ସ୍କୁଲର ଶିକ୍ଷୟତ୍ରୀ ସରିତା ମିଶ୍ର ଓ ଟ୍ରଷ୍ଟର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




### କଲମ ପରିବାରର ବାର୍ଷିକ ଉତ୍ସବ

## ଭାଷା ସାହିତ୍ୟ ପ୍ରସାର ପ୍ରଚାର ଦିଗରେ 'କଲମ'ର ଉଦ୍ୟମ ପ୍ରଶଂସନୀୟ

ସମ୍ବଲପୁର, ୪ା୨(ସମିସ)

କଲମର ଯାତ୍ରା ଦୀର୍ଘାୟୁ ହେଉ। ଭାଷା ସାହିତ୍ୟର ପ୍ରସାର ପ୍ରଚାର ଦିଗରେ କଲମ ସାହିତ୍ୟ ଅନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ ବୋଲି ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବିଶିଷ୍ଟ ଗୀତିକାର, କବି ତଥା ଲେଖକ ବିନୋଦ ପଶାୟତ ମତବ୍ୟକ୍ତ କରିଛନ୍ତି। କଲମ ପରିବାରର ଦ୍ୱିତୀୟ ବାର୍ଷିକ ଉତ୍ସବ ତଥା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ଆସର ଅମୃତ

### ରାଜ୍ୟସ୍ତରୀୟ ଅମୃତ ସାଗର ବିନ୍ଦୁ କବିତା ଆସର

ସାଗର ବିନ୍ଦୁ କାର୍ଯ୍ୟକ୍ରମରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀ ପଶାୟତ ଏହି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ କଲମ ପରିବାର ପକ୍ଷରୁ ତାଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରର କୁଳପତି ପ୍ରଫେସର ଏନ୍ ନାଗାରାଜୁ ସାହିତ୍ୟର ପ୍ରଚାର ପ୍ରସାରର ପାଇଁ ଅଧିକରୁ ଅଧିକ ଉଦ୍ୟମର ଆବଶ୍ୟକତା ରହିଛି। କଲମର ଉଦ୍ୟମକୁ ପ୍ରଶଂସା କରିବା ସହ ବିଶ୍ୱବିଦ୍ୟାଳୟର ସହଯୋଗ ଅବ୍ୟାହତ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ଜୟକୃଷ୍ଣ ବେହେରାଙ୍କ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାଶ, ପ୍ରମେୟ ସମ୍ବଲପୁର ସଂସ୍କରଣ ମୁଖ୍ୟ ସ୍ୱେତ କୁମାର ପ୍ରଧାନ, ବରିଷ୍ଠ ସାମ୍ବାଦିକ ତଥା କବି ଲକ୍ଷ୍ମୀ ନାରାୟଣ ହୋତା, ଐତିହାସିକ ଦୀପକ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରି ଓଡ଼ିଆ ଭାଷା ସାହିତ୍ୟର ଅତୀତ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ବାବଦରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଆବାହକ ତଫିଜୁଲ ହୋସେନ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ଦୁଇଟି ପର୍ଯ୍ୟାୟରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି ଆସରରେ ଲକ୍ଷ୍ମୀନାରାୟଣ ପଣ୍ଡା, ଶିବଶଙ୍କର ପ୍ରଧାନ, ଡ ଦାଶରଥି ବେହେରା ଏବଂ ବାଣିଜ୍ୟ ବିଭାଗ ମୁଖ୍ୟ ଡ ପ୍ରିୟବ୍ରତ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ତରଣୀସେନ ମେହେର, ମୋହିନୀ ହୋତା, ଶିବାନୀ ପାଢ଼ୀ ଓ ସାକ୍ଷୀ ଅଗ୍ରୱାଲ ସଂଯୋଜନା କରିଥିଲେ। ଗବେଷକ ଅର୍ଜୁନ କୁମାର ମହାରଣା, ବିଚିତ୍ରା ବାଗ, ମିନାକ୍ଷୀ ଷଣ୍ଢ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କବିତା ଆସରେ ୮୫ ଜଣ କବି କବୟିତ୍ରୀ ଯୋଗଦାନ କରି କବିତା ପାଠ କରିଥିଲେ।

